**ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଶ୍ରଦ୍ଧାଞ୍ଜଳି**

ଭୁବନେଶ୍ୱର,(ଶର୍ମିଷ୍ଠା ପାଣିଗ୍ରାହୀ)-ଅଲଚିକି ଲିପିର ଉଦ୍ଭାବକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୪୨ତମ ଶ୍ରାଦ୍ଧୋତ୍ସବ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱର ସାତାନାଥ ବସ୍ତିସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କାମଦେବ ମହାପାତ୍ର, କର୍ପୋରେଟର ମୋନାଲିସା ସାହୁ, ଅଧ୍ୟାପକ ଡ. ରଙ୍ଗାଧର ସାହୁ ପ୍ରମୁଖ ଯୋଗଦେଇଥିଲେ।



# ଆଶ୍ରୟ ଗୃହରେ ଦିଆଯାଉଥିଲା ଅକଥନୀୟ ଅତ୍ୟାଚାର

## ଥାନାରେ ଏତଲା ଦେଲେ ଦୃଷ୍ଟିହୀନ ବ୍ୟବସାୟୀ

- ଆଇଆଇସିଙ୍କ ହସ୍ତକ୍ଷେପ ପରେ ୭ ଦୃଷ୍ଟିହୀନଙ୍କୁ ଛାଡ଼ିଲେ
- କୌଣସି ଅନ୍ୟାୟ ହୋଇନି: ମେୟର

ଭୁବନେଶ୍ୱର, ୧।୨ (ବନ୍ଦନା ସେଠୀ)



ବିଏମ୍‌ସି ମୁଖ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିବାବେଳେ ବଳପୂର୍ବକ ଟାଣି ଘୋଷାରି ଉଠାଇ ନେବାକୁ ବିରୋଧ କରି ଗୁରୁବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି ଦୃଷ୍ଟିହୀନ ବ୍ୟବସାୟୀ। ଘରୋଇ ସଂସ୍ଥା ଓଡ଼ିଶା ପତିତ ଉଦ୍ଧାର ସମିତିର ମୁଖ୍ୟ ଆଭାରାଣୀ ଚୌଧୁରୀ ଏବଂ ଟିମ୍ ସାଇନ୍‌ର ମୁଖ୍ୟ ଅଶୋକ ନନ୍ଦଙ୍କ ବିରୋଧରେ ଖାରବେଳ ଥାନାରେ ଏତଲା ଦେଇଛନ୍ତି। ସମ୍ପୃକ୍ତ ବ୍ୟବସାୟୀମାନେ ସାମ୍ବିଧାନିକ ଉପାୟରେ ଶାନ୍ତିପୂର୍ଣ୍ଣଭାବେ ଧାରଣା ଦେଇଥିବାବେଳେ ସେମାନଙ୍କୁ ଉଠାଇନେଇ ଅପରାଧୀଙ୍କ ପରି ବ୍ୟବହାର କରିଥିଲେ। ଏଥିସହ ଆଶ୍ରୟ ଗୃହକୁ ନେଇ ଅକଥନୀୟ ଅତ୍ୟାଚାର କରିଥିବା ଏତଲାରେ ଉଲ୍ଲେଖ ରହିଛି। ସେହିପରି ଅନ୍ତର୍ଜାତୀୟ ମାନବାଧିକାର ପ୍ରୋଟେକ୍ସନ କାଉନ୍‌ସିଲର ଆରତି ମହଲା ମଧ ଥାନାରେ ଏତଲା ଦେଇଛନ୍ତି। ଦିବ୍ୟାଙ୍ଗ ବ୍ୟବସାୟୀଙ୍କୁ ଉଠାଇ ନେବା ସମୟରେ ଆରତି ସେମାନଙ୍କୁ ବାରଣ କରିବାରୁ ତାଙ୍କୁ ମଧ ମାଡ଼ ମରାଯାଇଥିଲା। ଏଥିରେ ତାଙ୍କ କାନ୍ଧରେ ଆଘାତ ଲାଗିଥିବା ସେ ଉଲ୍ଲେଖ କରିଛନ୍ତି। ଏତଲା ପରେ ଖାରବେଳ ନଗର ଥାନା ଆଇଆଇସି ଏହି ମାମଲାରେ ହସ୍ତକ୍ଷେପ କରି ଆଶ୍ରୟସ୍ଥଳରେ ଅଟକ ରଖାଯାଇଥିବା ଅନ୍ୟ ଦିବ୍ୟାଙ୍ଗ ବ୍ୟବସାୟୀଙ୍କୁ ଛାଡ଼ିବାକୁ ପ୍ରୟାସ କରିଥିଲେ। ସମ୍ପୃକ୍ତ ବ୍ୟବସାୟୀଙ୍କୁ ଆଣିବା ପାଇଁ ଭୀମପୁର ଓ ୟୁନିଟ୍-୩ରେ ଥିବା ଆଶ୍ରୟ ଗୃହକୁ କନଷ୍ଟେବଲ ପଠାଇଥିଲେ। ସେମାନଙ୍କ ମଧ୍ୟରୁ ୭ଜଣଙ୍କୁ ଛଡାଯାଇଥିବାବେଳେ ଆଉ ୩ଜଣଙ୍କୁ ଭୀମପୁର ଆଶ୍ରୟ ଗୃହରେ ରଖାଯାଇଛି। ତେବେ ୭ଜଣଙ୍କୁ ଛାଡିବା ସମୟରେ ସେମାନଙ୍କଠାରୁ ଟିପଚିହ୍ନ ନିଆଯାଇଥିବା ଅଭିଯୋଗ ହୋଇଛି। କ'ଣ ପାଇଁ ସେହି ଟିପଚିହ୍ନ ନିଆଯାଇଛି ସେ ନେଇ କୌଣସି ଉତ୍ତର ଦିଆଯାଇ ନ ଥିବା ବ୍ୟବସାୟୀ କହିଛନ୍ତି।

ଏନେଇ ମେୟର ସୁଲୋଚନା ଦାସ କହିଛନ୍ତି, ଗତ କିଛିଦିନ ହେବ ଦିବ୍ୟାଙ୍ଗମାନେ ଭେଣ୍ଡିଂ ଜୋନ୍ ଦାବିରେ ଧାରଣା ଦେଉଥିଲେ। କୋଭିଡ୍ ପରେ ଏମାନେ ମାର୍କେଟ ବିଲ୍ଡିଂରେ ବସି ବ୍ୟବସାୟ କରୁଥିଲେ। ଏହା ଦେଖି ଅନ୍ୟ ବ୍ୟବସାୟୀମାନେ ସେଠାରେ ପସରା ମେଲାଇଥିଲେ। ପରେ ଏହାକୁ ନେଇ ଗଣ୍ଡଗୋଳ ହେବା ସହ ମାର୍କେଟ ୧୫ଦିନ ଧରି ବନ୍ଦ ରହିଥିଲା। ତେଣୁ ସେମାନଙ୍କୁ ସେଠାରୁ ଉଠାଯାଇ ମାର୍କେଟ ବିଲ୍ଡିଂ ପଛରେ ଜାଗା ଦିଆଗଲା। ମାତ୍ର ସେଠାରେ ଦୋକାନ ଭଡ଼ା ଦେଇ ପୁଣିଥରେ ମାର୍କେଟରେ ବସିବାକୁ ଏବଂ ଭେଣ୍ଡିଂଜୋନ୍ ଦେବାକୁ ଦାବି କରୁଛନ୍ତି, ଯାହା ବର୍ତ୍ତମାନ ସମ୍ଭବ ନୁହେଁ। ଅଯଥାରେ ସେମାନେ ବିଏମ୍‌ସି ଆଗରେ ଧାରଣାରେ ବସିଥିଲେ। ଶୀତ କାକରରେ ବସିଲେ ତାଙ୍କ ଦେହ ଖରାପ ହେବାର ଆଶଙ୍କା ଥିବାରୁ ସେମାନଙ୍କ ଆଲୋଚନା କରାଯାଇ ଧାରଣାରୁ ଉଠିବାକୁ ଅନୁରୋଧ କରାଯାଇଥିଲା। ମାତ୍ର ସେମାନେ କେତେକ ଲୋକଙ୍କ ପ୍ରରୋଚନାରେ ଆସି ଆଉ ଉଠିଲେ ନାହିଁ। ଫଳରେ ବା ହୋଇ ସେମାନଙ୍କୁ ଉଠାଇଥିଲୁ। ସେମାନଙ୍କ ପ୍ରତି କୌଣସି ଅନ୍ୟାୟ ହୋଇନାହିଁ ବୋଲି ମେୟର କହିଛନ୍ତି।

### ମାଡ଼ ମାରିଲେ, ଧମକାଇଲେ

ଧାରଣାସ୍ଥଳରୁ ଉଠାଇ ନିଆଯିବା ପରେ ଆଶ୍ରୟ ଗୃହରେ ରଖାଯାଇଥିଲା। ଏନେଇ ଦୃଷ୍ଟିହୀନ ବ୍ୟବସାୟୀ ବଂଶୀଧର ପ୍ରଧାନ କହିଛନ୍ତି, ମୋତେ କେଉଁଠାକୁ ନେଲେ ମୁଁ ଜାଣି ପାରିଲି ନାହିଁ। ମୋତେ ମୋ ସାଥୀଙ୍କଠାରୁ ଅଲଗା ରଖାଯାଇଥିଲା। ସେଠାରେ ମୋତେ ଖରାପ ବ୍ୟବହାର କରାଯିବା ସହ ଗୋଇଠା ମାରିଲେ। 'ଶଳା ଅନ୍ଧ ଆଉ ଯେବେ ସେଠାରେ ବସିବ, ତୁମମାନଙ୍କୁ ଜୀବନରୁ ମାରିଦେବୁ' ବୋଲି ଧମକ ଦେଲେ। କିଛି ଖାଇବାକୁ ଦେଲେନାହିଁ। ବୁଧବାର ସନ୍ଧ୍ୟାରେ ଆଣି ଗାଡ଼କଣରେ ଛାଡିଦେଲେ। ଆଉଜଣେ ବ୍ୟବସାୟୀ ଅଶ୍ୱିନୀ ସାହୁ କହିଛନ୍ତି, ମୁଁ ମୋ ସାଥୀଙ୍କ ସହ ବିଏମସି ଅଫିସ ଆଗରେ ଧାରଣା ଦେଇଥିଲି। ମୋ ସ୍ତ୍ରୀ ପୁଷ୍ପା ସାହୁ ଏବଂ ୫ବର୍ଷର ଝିଅ ମୋତେ ଦେଖା କରିବାକୁ ଆସିଥିଲେ। ପତିତ ଉଦ୍ଧାର ସମିତିର ଲୋକ ଆସି ଆମ ସମସ୍ତଙ୍କୁ ଟାଣି ଟାଣି ନେଇଗଲେ। ସେଠାରେ ଆମକୁ ଗାଳି ସହ ଖରାପ ବ୍ୟବହାର ଦେଖାଇଲେ। କୁକୁରଙ୍କ ଭଳି ଆମ ଆଗରେ ଖାଇବା ଥୋଇ ଦେଉଥିଲେ। ନିଜ ସ୍ୱାଭିମାନକୁ ଜଗି ମୁଁ ଖାଇ ନ ଥିଲି। ସେଠାରେ ଥିବା ସମୟରେ ଆମେ ଦାନ୍ତ ଘଷିନୁ କି ଗାଧୋଇନୁ। ପୁଷ୍ପା କହିଛନ୍ତି, ମୋତେ ମାତ୍ର ୩୦% ଦେଖାଯାଏ। ଧାରଣା ସ୍ଥଳରୁ ମୋ ସହ ଛୋଟ ଝିଅକୁ ଘୋଷାରି ନେଇ ଗାଡ଼ିରେ ବସାଗଲା। ସେଠାରେ ଜଣେ ମହିଳା କର୍ମଚାରୀ ମୋତେ ବାଡେଇଲେ। ମୋ ଛୋଟ ଛୁଆ ଖାଲି ବିସ୍କୁଟ ଖାଇ ରହିଲା। ନ୍ୟାୟ ମାଗିବାକୁ ଯାଇ ଅକଥନୀୟ ଅତ୍ୟାଚାର ସହିବାକୁ ପଡ଼ିଥିବା ପୁଷ୍ପା କହିଛନ୍ତି।

## ବଜେଟ୍ ପ୍ରତିକ୍ରିୟା

### ସମ୍ପୂର୍ଣ୍ଣ ଭଲ ନୁହେଁ କି ସମ୍ପୂର୍ଣ୍ଣ ନୈରାଶ୍ୟଜନକ ନୁହେଁ



୨୦୨୩-୨୪ରେ ଫିସ୍‌କାଲ ଡେଫିଶିଟ୍ ୫.୯ ସ୍ଥିର କରାଯାଇଥିଲା, ମାତ୍ର ୫.୮ରେ ରହିଥିଲା। ଚଳିତ ଆର୍ଥିକବର୍ଷରେ ବଜେଟ୍ ଅନୁସାରେ ଏହା ୫.୧କୁ ହ୍ରାସ ପାଇଁ ଟାର୍ଗେଟ ରହିଛି। ଏହା ନିହାତି ଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ। ସେହିଭଳି କ୍ୟାପିଟାଲ ଏକ୍ସପେଣ୍ଡିଚର ସରକାର ହ୍ରାସ କରିପାରିବେ ନାହିଁ। ଆଜିର ବଜେଟରେ ଗତବର୍ଷ ତୁଳନାରେ ଏକ୍ସପେଣ୍ଡିଚର ୧୧.୧ ଲକ୍ଷ କୋଟି ବଢ଼ିଛି, ଯାହାକି ନିବେଶକୁ ପ୍ରୋତ୍ସାହିତ କରାଯାଇପାରିବ। ପ୍ରଧାନମନ୍ତ୍ରୀ ଆବାସଯୋଜନାରେ ଅଧିକ ଘର ପ୍ରଦାନ ଭଲ କଥା। କିନ୍ତୁ ମଧବିତ୍ତମାନେ ଟିକସ ହ୍ରାସ ନେଇ ଯେଉଁ ଆଶା ରଖିଥଲେ, ତାହା ହୋଇନାହିଁ। କହିବାକୁ ଗଲେ, ବଜେଟ୍ ବିଶେଷ ଭଲ ନୁହେଁ କି ସମ୍ପୂର୍ଣ୍ଣ ନୈରାଶ୍ୟଜନକ ନୁହେଁ।

-ମନୋଜ କୁମାର ନାୟକ, ଶିକ୍ଷକ, ଅର୍ଥନୀତି

### ଶିକ୍ଷାକୁ ଅଣଦେଖା କରାଯାଇଛି



ଚଳିତ ବଜେଟ୍ ଚାଷୀ, ଗରିବ ଲୋକ, ମହିଳା ଓ ବେକାର ଯୁବତୀଯୁବକଙ୍କୁ ନିରାଶ କରିଛି। ବିଶେଷକରି ବଜେଟ୍‌ରେ ଶିକ୍ଷାକୁ ନେଇ କୌଣସି ପ୍ୟାକେଜ୍ ଘୋଷଣା ନ କରି ଅଣଦେଖା କରାଯାଇଛି। କେନ୍ଦ୍ର ସରକାର ଶିକ୍ଷାକୁ ଗୁରୁତ୍ୱ ଦେଉଥିବା କହୁଥିବାବେଳେ ବାସ୍ତବରେ ସେପରି କିଛି କରିନାହାନ୍ତି। ଆଗକୁ ନିର୍ବାଚନ ଆସୁଥିବାରୁ ଏଥର ବଜେଟ୍‌ରେ ସବୁବର୍ଗଙ୍କୁ ଫୋକସ୍ କରାଯିବ ବୋଲି ଆଶା ଥିଲା। ମାତ୍ର ତାହା ହୋଇନାହିଁ।

-ସୁଜନ ସେଠୀ, ଶିକ୍ଷକ, ଭୁବନେଶ୍ୱର

### ସାଧାରଣ ଲୋକଙ୍କ ପାଇଁ ବଜେଟ୍‌ରେ କିଛି ନାହିଁ



ମିଶନ୍ ଶକ୍ତି ବ୍ୟତୀତ ସାଧାରଣ ଲୋକଙ୍କ ପାଇଁ ବଜେଟ୍‌ରେ କୌଣସି ବ୍ୟବସ୍ଥା ନାହିଁ। ପେଟ୍ରୋଲ, ଡିଜେଲ ସମେତ ଅତ୍ୟାବଶ୍ୟକ ସାମଗ୍ରୀ ଡାଲି, ଚାଉଳ, ଅଟା, ଖାଇବା ତେଲ, ମଇଦା, ସୁଜି, ଚିନି ସମେତ ବିଭିନ୍ନ ପନିପରିବା ଦରଦାମ ହୁ ହୁ ହୋଇ ବଢ଼ୁଥିବା ବେଳେ ଏହି ବଜେଟ ଦରଦାମ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ କିଛି ଆଖିଦୃଶିଆ ବ୍ୟବସ୍ଥା ନିଆଯାଇ ନାହିଁ।

-ଅରୁନ୍ଧତୀ ଦାସମହାପାତ୍ର, ଗୃହିଣୀ, ଭୁବନେଶ୍ୱର

### ନୈରାଶ୍ୟଜନକ ବଜେଟ



ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ ଆବଶ୍ୟକ ବ୍ୟୟ ବରାଦ କରାଯାଇନାହିଁ। ଦେଶରେ ସବୁଠାରୁ ଅଧିକ ଶୋଷିତ ବର୍ଗ ଯଥା ଆଦିବାସୀ, ଦଳିତ ଓ ପଛୁଆ ବର୍ଗଙ୍କ ଦାରିଦ୍ର୍ୟ ଦୂରୀକରଣ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ସେହିପରି ରୋଜଗାର ସୃଷ୍ଟି ନେଇ ମଧ କିଛି କରାଯାଇ ନାହିଁ। ତେଣୁ ଏହାକୁ ଏକ ନୈରାଶ୍ୟଜନକ ବଜେଟ୍ ବୋଲି କୁହାଯାଇପାରେ।

-ସମରଜିତ୍ ମହାନ୍ତି, କର୍ମଜୀବୀ, ଭୁବନେଶ୍ୱର

### ମଧବିତ୍ତ ଆୟକରଦାତାଙ୍କୁ ଆଶ୍ୱସ୍ତି ଦେବା ଭଳି କିଛି ନାହିଁ



ବହୁତଗୁଡ଼ିଏ ଭଲ ଘୋଷଣା ହୋଇଛି। ମାତ୍ର ମଧବିତ୍ତ ଆୟକରଦାତାଙ୍କ ପାଇଁ କିଛି ନାହିଁ। ଏହି ବଜେଟରେ ମଧବିତ୍ତ ଆୟକରଦାତାଙ୍କୁ ଆଶ୍ୱସ୍ତି ଦେବା ଭଳି କିଛି ଘୋଷଣା ନାହିଁ। ଆମଦାନୀ ଶୁଳ୍କ ସହିତ ସମସ୍ତ ଶୁଳ୍କ ମଧ ପୂର୍ବପରି ପ୍ରଭାବଶାଳୀ ରହିବ। ତେଣୁ ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି।

- ପ୍ରିୟବ୍ରତ ପଣ୍ଡା, ବାଣିଜ୍ୟ ବିଭାଗ ମୁଖ୍ୟ,ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ

### ଯୁବ ପିଢ଼ିଙ୍କ ପାଇଁ କିଛି ନାହିଁ



କ୍ୟାନ୍‌ସର ଭଲ ହେବା ବ୍ୟୟସାପେକ୍ଷ। ଯଦି ଏହାର ନିରାକରଣ ପାଇଁ ଆଗୁଆ ପଦକ୍ଷେପ ଏକ ଭଲ କଥା। ବଜେଟ୍‌ରେ ନାବାଳିକାଙ୍କୁ ମାଗଣା ଗର୍ଭାଶୟ କର୍କଟ ଟିକା ଦେବା ନେଇ ନିଷ୍ପତ୍ତି ହୋଇଛି। ଝିଅମାନଙ୍କ କ୍ଷେତ୍ରରେ ଏହା ସ୍ୱାଗତଯୋଗ୍ୟ। ମାତ୍ର ବଜେଟ୍‌ରେ ଆମ ଭଳି ଯୁବ ପିଢ଼ିଙ୍କ ପାଇଁ କିଛି ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ ଏମିତିକି କୃଷି ପାଇଁ ମଧ କିଛି ରଖାଯାଇନାହିଁ। ଯାହା ଅତ୍ୟନ୍ତ ନିରାଶଜନକ।

-ଅଞ୍ଜଳି ନାୟକ, ନର୍ସିଂ ଛାତ୍ରୀ

### ଶିକ୍ଷାରେ ସ୍ପେଶାଲ ପ୍ୟାକେଜ ନାହିଁ



କେନ୍ଦ୍ର ସରକାର ପରୀକ୍ଷା ପେ ଚର୍ଚ୍ଚା, ଜାତୀୟ ଶିକ୍ଷା ନୀତି ମାଧମରେ ଶିକ୍ଷା କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଉଥିବା କଥା କହୁଥିବାବେଳେ ବଜେଟ୍‌ରେ ଏହାର ଠିକ୍ ବିପରୀତ ଦେଖିବାକୁ ମିଳିଛି। ଶିକ୍ଷା କ୍ଷେତ୍ରରେ କୌଣସି ସ୍ପେଶାଲ ପ୍ୟାକେଜ ଘୋଷଣା ନ କରି ପୂର୍ବରୁ ହୋଇଥିବା ପଦକ୍ଷେପକୁ ସୁହାଇଲା ଭଳି ବଜେଟ କରାଯାଇଛି। ବଜେଟରେ ଜାତୀୟ ଶିକ୍ଷାନୀତି ଆଧାରରେ ଶିକ୍ଷା କ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯାଇ ନାହିଁ।

-ପାର୍ଥସାରଥୀ ଦାଶ, ଛାତ୍ର

### ଟିକସ ଛାଡ ସୀମା ବଢ଼ିବା ଆବଶ୍ୟକ ଥିଲା



ଟିକସରେ କିଛି ପରିବର୍ତ୍ତନ ହୋଇ ନ ଥିବା ଅର୍ଥମନ୍ତ୍ରୀ କହିଛନ୍ତି। ମାତ୍ର ଜିଏସ୍‌ଟି ପରିଷଦ ଗଠନ ହେବାପରେ କେଉଁ ଦ୍ରବ୍ୟ କିମ୍ବା ସେବା ଉପରେ କେତେ କର ଲାଗୁହେବ ପରିଷଦ ନିଷ୍ପତ୍ତି ନେଉଛି। କିନ୍ତୁ ପ୍ରକୃତରେ ଲୋକପ୍ରତିନିଧି (ଏମ୍‌ପି) ମାନେ ନିଷ୍ପତ୍ତି ନେଉନାହାନ୍ତି। ଫଳରେ ସେମାନଙ୍କ ଅଧିକାର କ୍ଷୁଣ୍ଣ ହେବା ସହିତ ସଂସଦର ମର୍ଯ୍ୟାଦା ହାନି ହେଉଛି। ଅପରପକ୍ଷେ ଟଙ୍କାର ମୂଲ୍ୟ ହ୍ରାସ ପାଇଥିବାରୁ ଟିକସ ଛାଡ ସୀମା ବଢ଼ିବା ଆବଶ୍ୟକ ଥିଲା।

-ଦିଲୀପ ଦାଶଶର୍ମା, ଆଇନଜୀବି, ଭୁବନେଶ୍ୱର

## ସଂକ୍ଷେପରେ

### ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ: ପ୍ରବାସୀଙ୍କ ଉତ୍କଣ୍ଠାପୂର୍ଣ୍ଣ ଭିଡିଓ ବାର୍ତ୍ତା, ସ୍ୱାଗତକଲା ବାଲୁକାକଳା

ଭୁବନେଶ୍ୱର,୧।୨(ଶର୍ମିଷ୍ଠା ପାଣିଗ୍ରାହୀ) – ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆସନ୍ତା ୩ରୁ ୫ ତାରିଖ ପର୍ଯ୍ୟନ୍ତ ଜନତା ମଇଦାନରେ ଆୟୋଜନ କରାଯାଉଛି। ଓଡ଼ିଆ ଭାଷା, ସାହିତ୍ୟ ଓ ଐତିହ୍ୟ ଏବଂ ଓଡ଼ିଆ ଅସ୍ମିତାର ପରିଚୟ ଦେଉଥିବା ଏହି ସମ୍ମିଳନୀ ନିମନ୍ତେ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଥିବା ପ୍ରବାସୀ ଓଡ଼ିଆମାନେ ଉତ୍କଣ୍ଠାପୂର୍ଣ୍ଣ ଶୁଭେଚ୍ଛା ଭିଡିଓ ବାର୍ତ୍ତା ପଠାଉଛନ୍ତି। ଏହି ସମ୍ମିଳନୀ ମାଧମରେ ଓଡ଼ିଆ ଭାଷାର ଗୁରୁତ୍ୱ ଆହୁରି ବୃଦ୍ଧି ପାଇବା ସହ ଲୋକପ୍ରିୟତା ହାସଲ କରିବ ବୋଲି ସେମାନେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ସମ୍ମିଳନୀରେ ଯୋଗଦେବାକୁ ଅତିଥିଙ୍କ ଆଗମନ ଆରମ୍ଭ ହୋଇଛି। ସେମାନଙ୍କୁ ସ୍ୱାଗତ କରିବା ପାଇଁ ବିଜୁ ପଟ୍ଟନାୟକ ଅନ୍ତର୍ଜାତିକ ବିମାନ ବନ୍ଦରରେ ଏକ ବାଲୁକା କଳା ପ୍ରଦର୍ଶିତ ହୋଇଛି। ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏହାକୁ ତିଆରି କରିଛନ୍ତି। ସମ୍ମିଳନୀ ଲୋଗୋକୁ ବାଲୁକା କଳା ମାଧମରେ ଅତି ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଛି।

### ଗାଡ଼ି ଧକ୍କାରେ ଯୁବକ ମୃତ

ବାଲିଅନ୍ତା,୧।୨(ନୀଳମାଧବ ସାହୁ): ବାଲିଅନ୍ତା ଥାନା ଅଧୀନ ଖମାଙ୍ଗ-ପ୍ରତାପରୁଦ୍ରପୁର ରାସ୍ତାର କାକରୁଦ୍ରପୁର ଜନସେବା କେନ୍ଦ୍ର ନିକଟରେ ଗୁରୁବାର ଅପରାହ୍ନରେ ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲିଅନ୍ତା ଥାନା ଅଧୀନ ଜୟଦେବ ପଞ୍ଚାୟତ ଉପରସାହି ଗ୍ରାମର ଚିନ୍ତାମଣି ସାହୁ (୩୨)। ଉତ୍ତ୍ୟକ୍ତ ଲୋକେ ଅଧ ଘଣ୍ଟା ଧରି ରାସ୍ତାକୁ ଅବରୋଧ କରିଥିଲେ। ବାଲିଅନ୍ତା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଦୁର୍ଘଟଣା ଘଟାଇ ଗାଡ଼ି ଚାଳକ ଫେରାର ହୋଇଯାଇଥିବାବେଳେ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରିଛି।





ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଚାଲିଥିବା ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ଉତ୍ସବର ଉଦ୍‌ଯାପନ ଅବସରରେ କୃତୀ ପ୍ରତିଯୋଗୀଙ୍କ ସହ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ସହ ଅନ୍ୟ ଅତିଥି।

## 'ଯୁବପିଢ଼ି ଓଡ଼ିଶାର ଇତିହାସ, ମହାପୁରୁଷଙ୍କୁ ଜାଣନ୍ତୁ'

**ଆନ୍ତଃ ବିଶ୍ୱବିଦ୍ୟାଳୟ ସାଂସ୍କୃତିକ, ସାହିତ୍ୟିକ ଉତ୍ସବ ଉଦ୍‌ଯାପିତ**

ଭୁବନେଶ୍ୱର, ୧।୨(ଅସମାପିକା ସାହୁ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଚାଲିଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ ସାଂସ୍କୃତିକ ଓ ସାହିତ୍ୟିକ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ କହିଲେ, ପିଲାଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ବିକାଶ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଯୁବପିଢ଼ି ଆମ ଓଡ଼ିଶାର ଇତିହାସ ଓ ମହାପୁରୁଷଙ୍କୁ ଜାଣିବା ଦରକାର। ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଆବଶ୍ୟକ ବୋଲି ମନ୍ତ୍ରୀ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା କହିଲେ, ବିଶ୍ୱବିଦ୍ୟାଳୟ ହେଉଛି ଉଚ୍ଚଶିକ୍ଷା ଏବଂ ଗବେଷଣାର ଏକ ଅନୁଷ୍ଠାନ। ଏହି ଅନୁଷ୍ଠାନଗୁଡ଼ିକ ଏକ ଉନ୍ନତ ତଥା ପ୍ରଗତିଶୀଳ ସମାଜ ଗଠନ ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରିବା ସହିତ ସେମାନଙ୍କ ଜୀବନର ମାନବୀୟ ମୂଲ୍ୟବୋଧକୁ ପରିପୁଷ୍ଟ କରାଇଥାଏ। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ କହିଲେ, ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ର ଓ ଅଧ୍ୟାପକଙ୍କ ମଧ୍ୟରେ ଗବେଷଣା, ନୂତନତ୍ୱ ଓ ଜିଜ୍ଞାସା ସୃଷ୍ଟି ପାଇଁ ଅନୁକୂଳ ପରିବେଶ ଓ ବ୍ୟବସ୍ଥା ସୃଷ୍ଟି କରାଯାଉଛି। ସେହିସବୁ ସୁବିଧା ସୁଯୋଗର ଭରପୂର ଉପଯୋଗ କଲେ ଓଡ଼ିଶା ଶିକ୍ଷା କ୍ଷେତ୍ରରେ ନୂତନ ଇତିହାସ ରଚିପାରିବ। କୁଳସଚିବ ଶ୍ୟାମଳୀ ମହାପାତ୍ରଙ୍କ ସମେତ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟର ୧୮ଟି ବିଶ୍ୱବିଦ୍ୟାଳୟରୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ, ଜଗନ୍ନାଥ ସଂସ୍କୃତି ଉପରେ ବହୁଭାଷୀ ପ୍ରବନ୍ଧ ଲିଖନ, ବହୁଭାଷୀ ତର୍କ ଭଳି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମନ୍ତ୍ରୀ ପୁରସ୍କୃତ କରିଥିଲେ।

## ଚୋରି ମାମଲାର ରାୟ

### ଆନ୍ତଃରାଜ୍ୟ ଚଡ଼ି ବାନିଅନ ଗ୍ୟାଙ୍ଗ ସଦସ୍ୟଙ୍କୁ ୨ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୧।୨(ସତ୍ୟଜିତ୍ ରାଉତ)

ଧଉଳି ଥାନା ଅଞ୍ଚଳରେ ଜଣଙ୍କ ଘରୁ ଚୋରି ମାମଲାରେ ଆନ୍ତଃରାଜ୍ୟ ଚଡ଼ି ବାନିଅନ ଗ୍ୟାଙ୍ଗର ଜଣେ ସଦସ୍ୟଙ୍କୁ ୨ବର୍ଷ ଜେଲଦଣ୍ଡ ହୋଇଛି। ସେ ହେଲେ ରାଜସ୍ଥାନ କୋଟା ଜିଲା ମହାବୀର ଥାନା ଅଞ୍ଚଳର ଗରିବ ଗିରି। ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୫ର ବିଚାରପତି ସବ୍ୟସାଚୀ ପଣ୍ଡା ଗୁରୁବାର ଏହି ମାମଲାର ଶୁଣାଣି କରି ରାୟ ପ୍ରକାଶ କରିଛନ୍ତି। ଗରିବଙ୍କୁ ହଜାରେ ଟଙ୍କା ଅର୍ଥଦଣ୍ଡରେ ମଧ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୧ ମାସ ଜେଲଦଣ୍ଡ ଭୋଗିବେ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଶିଶୁପାଳଗଡ ଶଙ୍ଖନଗରରେ ରହୁଥିବା ଭାରତୀ ସାହୁଙ୍କ ପରିବାର ଲୋକେ ଘରେ ନ ଥିବା ସୁଯୋଗ ନେଇ ଗ୍ୟାଙ୍ଗର ସଦସ୍ୟମାନେ ଗତବର୍ଷ ଫେବୃଆରୀ ୭ରେ ତାଲା ଭାଙ୍ଗି ସୁନା ଅଳଙ୍କାର, ସ୍କୁଟି ଆଦି ଚୋରାଇ ନେଇଥିଲେ। ଏଥିସହ ସେହି ରାତିରେ ଉକ୍ତ କୋଠାର ତଳ ମହଲାରେ ରହୁଥିବା ଜଣଙ୍କ ଘରୁ ମଧ ଚୋରି କରିଥିଲେ। ଭାରତୀଙ୍କ ଏତଲା ଆଧାରରେ ଧଉଳି ଥାନା ପୋଲିସ ଏକ ମାମଲା (ନଂ.୨୧/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଗ୍ୟାଙ୍ଗର ସଦସ୍ୟମାନେ ଧଉଳି ସମେତ ବିଭିନ୍ନ ଅଞ୍ଚଳରେ ମଧ ବହୁ ଘରୁ ଚୋରି କରିଥିଲେ। ଜୁଲାଇ ୧୮ରେ ଧଉଳି ପୋଲିସ ଗ୍ୟାଙ୍ଗର ୧୧ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ନିରଞ୍ଜନ ବେହେରା ପରିଚାଳନା କରିଥିଲେ।

## ଗୋଷ୍ଠୀ ସଂଘର୍ଷ ମାମଲାରେ ୪ ଗିରଫ

ଭୁବନେଶ୍ୱର,୧।୨(ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ନୂଆ ରୋଡ୍‌ସ୍ଥିତ ରାସ୍ତାକଡ଼ ଦୋକାନ ସମ୍ମୁଖରେ ମଙ୍ଗଳବାର ରାତିରେ ଏକ ରାଜନୈତିକ ଦଳର ୨ ଗୋଷ୍ଠୀ ମଧ୍ୟରେ ଘଟିଥିବା ସଂଘର୍ଷ ଓ ଆତଙ୍କ ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱରରେ ରହୁଥିବା ଦୀପକ କୁମାର ବେହେରା, ରମ୍ୟ ରଞ୍ଜନ ମାହୁନ୍ତ, ଦିଲୀପ ବିଶ୍ୱାଳ ଓ ସଞ୍ଜୟ ସେନାପତି। ଅପରାଧରେ ବ୍ୟବହୃତ ବୋତଲ, ବାଉଁଶ ଆଦି ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏବେବି ଏଥିରେ ସମ୍ପୃକ୍ତ ଏକାଧିକ ଅଭିଯୁକ୍ତ ଫେରାର ଅଛନ୍ତି। ଅପରପକ୍ଷେ ଉକ୍ତ ରାସ୍ତା କଡ ଦୋକାନଗୁଡ଼ିକରେ ଅସାମାଜିକ ଯୁବକମାନେ ଏକତ୍ରିତ ହୋଇ ଖଟି କରୁଥିବାରୁ ସେସବୁ ଦୋକାନକୁ ପୋଲିସ ଭାଙ୍ଗି ଦେଇଥିବା ଜଣାପଡିଛି।





କମିଶନରେଟ ପୋଲିସରେ ଯୋଗଦେଇଥିବା ନୂଆ ଅତିରିକ୍ତ ପୋଲିସ କମିଶନର ଅଭିନାଶ କୁମାରଙ୍କୁ କମିଶନର ସଞ୍ଜୀବ ପଣ୍ଡା ସ୍ୱାଗତ କରୁଛନ୍ତି।

## ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ଚୋରି

**ଆପାର୍ଟମେଣ୍ଟର ୨ ଫ୍ଲାଟ୍‌ରୁ ପୁଣି ଚୋରି**

ଭୁବନେଶ୍ୱର,୧।୨(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଉପକଣ୍ଠରେ ଥିବା ଆପାର୍ଟମେଣ୍ଟଗୁଡ଼ିକୁ ଏବେ ଚୋରମାନେ ଟାର୍ଗେଟ କରିଛନ୍ତି। ଆପାର୍ଟମେଣ୍ଟରୁ ବାରମ୍ବାର ଚୋରି ହେଉଥିବା ନେଇ ଅଭିଯୋଗ ହେଉଥିବାବେଳେ ଥାନାରେ ଏପରି ମାମଲା ସଂଖ୍ୟା ବଢ଼ିଚାଲିଛି। ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ ଦେଇ ଗୋଟିଏ ପରେ ଗୋଟିଏ ଆପାର୍ଟମେଣ୍ଟରୁ କଳାକନା ବୁଲାଉଛନ୍ତି ଦୁର୍ବୃତ୍ତ। ମଙ୍ଗଳବାର ପାହାଲ ଓ ପଟିଆ ଅଞ୍ଚଳରେ ଥିବା ଆପାର୍ଟମେଣ୍ଟରୁ ଚୋରି ହେବାର କେହି ଘଣ୍ଟା ପରେ ଅପରାଧୀମାନେ ପୁଣି ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଦ୍ମକେଶରୀପୁର ଅଞ୍ଚଳରେ ଥିବା ସତ୍ୟବାଦୀ ଆପାର୍ଟମେଣ୍ଟର ୨ଟି ଫ୍ଲାଟରୁ ୨୫ ଲକ୍ଷରୁ ଅଧିକ ଟଙ୍କାର ସୁନା ଗହଣା ଚୋରି କରି ଫେରାର ହୋଇଯାଇଛନ୍ତି। ଗୋଟିଏ ଫ୍ଲାଟର କବାଟକୁ ମାଷ୍ଟର ଚାବିରେ ଖୋଲି ଘର ଭିତରେ ପଶିଥିବାବେଳେ ଅନ୍ୟଏକ ଫ୍ଲାଟର କବାଟ ତାଲା ଭାଙ୍ଗିବା ସହ ତାଡି ଭିତରୁ ଚୋରି କରିଛନ୍ତି। ତେବେ ଚୋରି ସମୟରେ ଜଣେ ଦୁର୍ବୃତ୍ତ ମୁଖାପିନ୍ଧି ବୁଲୁଥିବା ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଛି। ଚୋରିର ଶିକାର ହୋଇଥିବା ୨ ଘର ମାଲିକ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଫ୍ଲାଟ ନଂ.୧୦୪ର ମାଲିକ ଘର ଚାବି ସିକ୍ୟୁରିଟି ଗାର୍ଡଙ୍କୁ ଦେଇ ଯାଇଥିବାରୁ ଚୋରିରେ ସେମାନଙ୍କ ସଂପୃକ୍ତି ଥାଇପାରେ ବୋଲି ସନ୍ଦେହ କରିଛନ୍ତି। କାରଣ ଉକ୍ତ ଆପାର୍ଟମେଣ୍ଟରେ ଥିବା ଏତେ ଫ୍ଲାଟ୍ ମଧ୍ୟରୁ ଦୁର୍ବୃତ୍ତମାନେ କେମିତି ତାଙ୍କ ଫ୍ଲାଟ୍‌କୁ ଟାର୍ଗେଟ କରି ଚୋରି କଲେ ତାହାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ତେବେ ପୋଲିସ ଆପାର୍ଟମେଣ୍ଟ ଚୋରିରେ ସମ୍ପୃକ୍ତ ଗ୍ୟାଙ୍ଗ୍‌କୁ ଧରିବାରେ ବିଫଳ ହେଉଥିବାରୁ ସ୍ଥାନୀୟ ବାସିନ୍ଦା ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଘର ଛାଡ଼ି ଯିବାକୁ ଭୟ କରୁଛନ୍ତି। ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଧରିବାକୁ ସେମାନେ ଦାବି କରିଛନ୍ତି।

## ୪ରୁ କିଟ୍‌ରେ ଓଡ଼ିଆ କବି ସମ୍ମିଳନୀ

ଭୁବନେଶ୍ୱର, ୧।୨(ଅସମାପିକା ସାହୁ)

ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ଆସନ୍ତା ୩ରୁ ୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଏଥିପାଇଁ ସାରା ରାଜ୍ୟ ଉତ୍ସବ ମୁଖରିତ। ବିଶ୍ୱର କୋଣ ଅନୁକୋଣରେ ଥିବା ସମସ୍ତ ଓଡ଼ିଆଙ୍କ ମଧ୍ୟରେ ଏହା ଅଭୂତପୂର୍ବ ଉତ୍ସାହ ସୃଷ୍ଟି କରିଛି। ଏହି ସମ୍ମିଳନୀ ଓଡ଼ିଆ ଅସ୍ମିତାର ପରିଚୟ ହେବ। ଶାସ୍ତ୍ରୀୟ ଭାଷା ଓଡ଼ିଆ କିଭଳି ଅଧିକ ଲୋକପ୍ରିୟ ହୋଇପାରିବ ତାହା ଏହି ସମ୍ମିଳନୀରେ ବିଶଦ ଭାବେ ଆଲୋଚନା ହେବ। ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ କିଟ୍‌ର ମିଳିତ ଆନୁକୂଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟରେ ୪ ଓ ୫ ତାରିଖରେ କବି ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୪ଶହ କବି ଯୋଗଦେବେ। ପ୍ରଥମ ଦିନରେ 'ସାମ୍ପ୍ରତିକ ସମୟରେ ଓଡ଼ିଆ କବିତାର ସ୍ଥିତି, ଗତି, ପ୍ରକୃତି ତଥା ପ୍ରଭାବ' ସମ୍ପର୍କରେ ଆଲୋଚନା ହେବ। ପରେ ପଲ୍ଲୀ କବିତା, ଆଧୁନିକ କବିତା, ପ୍ରାଚୀନ କବିତା, ଗୀତି କବିତା ଓ ଦେଶାତ୍ମବୋଧକ କବିତା ଆଦି ଶୀର୍ଷକ ଉପରେ କବିମାନେ ସ୍ୱରଚିତ କବିତା ଆବୃତି କରିବେ। ଏଥିସହ ଚିତ୍ରକଳା, ବାଲୁକା କଳା, ନୃତ୍ୟ ଓ ସଙ୍ଗୀତ ମଧ୍ୟରେ କବିତାର ଆତ୍ମିକ ପରିବେଶ ସୃଷ୍ଟି କରାଯିବ। ଦ୍ୱିତୀୟ ଦିନରେ ଅନୁବାଦ ଅଧିବେଶନରେ 'ଭାଷା, ସଂସ୍କୃତି, ଭାବଗତ ବିକାଶ ନିମନ୍ତେ କବିତାର ଅନୁବାଦଗତ ପ୍ରାସଙ୍ଗିକତା' ଉପରେ ଆଲୋଚନା ହେବ। ଏହାସହ ଆମନ୍ତ୍ରିତ କବିଙ୍କ କବିତା ସଂକଳନର ଲୋକାର୍ପଣ କରାଯିବ। ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ବକ୍ତୃତା ପ୍ରଦାନର କାର୍ଯ୍ୟକ୍ରମ ରହିଛି। ସମ୍ମିଳନୀରେ ଯୋଗଦେବାକୁ ଆସୁଥିବା କବିମାନଙ୍କର ଯେଭଳି କୌଣସି ଅସୁବିଧା ନ ହୁଏ ସେଥିପାଇଁ ଯତ୍ନବାନ ରହିବାକୁ କିଟ୍ କର୍ତ୍ତୃପକ୍ଷଙ୍କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପରାମର୍ଶ ଦେଇଛନ୍ତି।

**ନାନାକେରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାଜ୍ୟରେ ଶ୍ରେଷ୍ଠ**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକ ଅଧୀନ ମୋ ସ୍କୁଲ ପରିଚାଳନା ସଂଗଠନ ପକ୍ଷରୁ ଚଳିତବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନାରେ କଣାସ ବ୍ଲକର ନାନାକେରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାଜ୍ୟରେ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ବିବେଚିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭମା ସୁନ୍ଦରାୟ ଏନେଇ ବୁଧବାର ଶିକ୍ଷା ପୁରସ୍କାର ଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଦୟାନିଧି ସଙ୍ଗୀତ ସୁଧା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

ପୁରୀ,୧।୨(ଅଜିତ୍ ମହାନ୍ତି)

ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ପୁରୀ ମହୋଦଧି ନିବାସ ସମ୍ମୁଖ ସ୍ୱର୍ଗଦ୍ୱାର ବେଳାଭୂମିରେ ଗତ ୨୫ତାରିଖରୁ ଶ୍ରୀଜଗନ୍ନାଥ ଜାତୀୟ ଗାନ୍ଧୀ ଶିଳ୍ପ ବଜାର ଚାଲିଛି। ଏହି ପ୍ରଦର୍ଶନୀ ମେଳାରେ ବିଭିନ୍ନ ରାଜ୍ୟର ହସ୍ତତନ୍ତ ତଥା ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ କରାଯାଉଛି। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେଉଛି। ଏହି ଅବସରରେ ଦୟାନିଧି ସଙ୍ଗୀତ ସୁଧା ଅନୁଷ୍ଠାନର ଗୁରୁ ପ୍ରକାଶ କୁମାର ରଥଙ୍କ ସଙ୍ଗୀତ ପରିଚାଳନାରେ ଓଡ଼ିଆ ଓ ହିନ୍ଦି କଥାଚିତ୍ର ଗୀତ ଆଧାରିତ ଚିତ୍ତାକର୍ଷକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଜ୍ୟୋତି ପ୍ରକାଶ ମହାପାତ୍ର, ରୋଜାଲିନ୍, ଲକ୍ଷ୍ମୀପ୍ରିୟା ସମର୍ଥା, ଅସିତ୍ କୁମାର ସାହୁ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ଚିତ୍ତରଞ୍ଜନ ପଣ୍ଡା, ଶାରଦାପ୍ରସନ୍ନ ମିଶ୍ର, ସୁକାନ୍ତ ରାଓ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଗାନ୍ଧୀ ଶିଳ୍ପବଜାର ବୁଲିବାକୁ ଆସିଥିବା ପର୍ଯ୍ୟଟକମାନେ ଏହି କାର୍ଯ୍ୟକ୍ରମ ଉପଭୋଗ କରିବା ସହ ପ୍ରଶଂସା କରିଥିଲେ। ଏଥିପାଇଁ ଶ୍ରୀ ଶ୍ରୀ କ୍ଷେତ୍ର ସୂଚନା ଅନୁଷ୍ଠାନ ସମ୍ପାଦକ ରାଜେଶ କୁମାର ମହାନ୍ତିଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା।

### 'ଆତ୍ମରକ୍ଷା ପ୍ରଶିକ୍ଷଣ ଦ୍ୱାରା ବାଳିକା ଅଧିକ ଦୃଢ଼ ହେବେ'

ପୁରୀ,୧।୨(ଅଜିତ୍ ମହାନ୍ତି)

ଲୋକନାଥ ରୋଡସ୍ଥିତ ନୀଳାଚଳ ନାରାୟଣ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗତ ୮ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କାର୍ଯ୍ୟକ୍ରମ ସଂଯୋଜକ ତଥା ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡ. ବଳରାମ ଦାଶ ସଭାପତିତ୍ୱ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଯୋଗଦେଇ ଏଭଳି ପ୍ରଶିକ୍ଷଣ ଦ୍ୱାରା ବାଳିକାମାନେ ମାନସିକ ଓ ଶାରୀରିକ ସ୍ତରରେ ଦୃଢ଼ ହୋଇ ନିଜ ଆତ୍ମରକ୍ଷା କରିପାରିବେ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ସାମନ୍ତ ଚନ୍ଦ୍ରଶେଖର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ବିଟା ମହାନ୍ତି ଯୋଗଦେଇ ବାଳିକା ଓ ମହିଳାଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ରୂପେ ଜଗନ୍ନାଥ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଡ. ବସନ୍ତ କୁମାର ମିଶ୍ର, କ୍ରାନ୍ତିଦର୍ଶୀ ସାହିତ୍ୟ ମଞ୍ଚ ସଭାପତି ଇଂ. ଗିରିଜାଶଙ୍କର ପାଢ଼ୀ, ଅଧ୍ୟାପକ ଦୟାନିଧି ପଣ୍ଡା, ଗଙ୍ଗାଧର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଉଦଘାଟନ ଉତ୍ସବରେ ଉଚ୍ଚ ବିଦ୍ୟାଳୟର ଅଧକ୍ଷା ଡ. ମୀରାରାଣୀ ଖଣ୍ଡୁଆଳ ମଞ୍ଚାସୀନ ଥିଲେ। ଏହି ଅବସରରେ ଗୀତାରାଣୀ ମହାପାତ୍ର, ପୌର୍ଣ୍ଣମାସୀ ଦେବୀ, ପ୍ରଶିକ୍ଷିକା ପାର୍ବତୀ ମହାରଣା, ପ୍ରାନ୍ତସିନୀ ଜେନା, ଅନ୍ନପୂର୍ଣ୍ଣା କର, ବିଜୟ କୁମାର ପଲାଇ, ମଦନମୋହନ ନାୟକ, ଡ. ରାଧେଶ୍ୟାମ ରଥ, ସମାଜସେବୀ ରାମଚନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ସାହୁ, ଗୀତିକାର ବିଜୟ କୁମାର ମିଶ୍ର, ଅଧ୍ୟାପକ ରମାକାନ୍ତ କର, ଗୋପାଳକୃଷ୍ଣ କରଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ବିଭୂତି ଭୂଷଣ କର, ବାସୁଦେବ ସାହୁ, ବିଭୂତି ଭୂଷଣ ପ୍ରଧାନ, ସରୋଜ କୁମାର କାଠୁଆ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଯୁଗଜ୍ୟୋତି ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ମହୋତ୍ସବ ଉଦ୍‌ଘାଟିତ

**ଗୁରୁ ଓ ଯୁବକଣ୍ଠଶିଳ୍ପୀ ସମ୍ମାନିତ**

ପୁରୀ,୧।୨(ଅଜିତ୍ ମହାନ୍ତି)



ମହୋତ୍ସବରେ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରାଯାଉଛି ।

ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଗବେଷଣା କେନ୍ଦ୍ର ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟ ଦ୍ୱାରା ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ବଡ଼ଦାଣ୍ଡଠାରେ ୨୩ତମ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରସନ୍ନ କୁମାର ସ୍ୱାଇଁ, ରାଜ୍ୟ ବିଜୁ ଯୁବ ଜନତା ଦଳ ଉପସଭାପତି ତଥା ଓଡ଼ିଶା ମୋ ପରିବାର ଅଧକ୍ଷ ଶୁଭାଶିଷ ଖୁଣ୍ଟିଆ, ରାଜ୍ୟ ବିଜୁ ଯୁବ ଜନତା ଦଳ ଉପସଭାପତି ସୁନିଲ୍ କୁମାର ମହାନ୍ତି, ଅନୁଷ୍ଠାନର ଅଧକ୍ଷା ସଞ୍ଜୁକ୍ତା ଷଡ଼ଙ୍ଗୀ, ମୁଖ୍ୟ ଉପଦେଷ୍ଟା ଶ୍ରୀକଣ୍ଠ ମିଶ୍ର, ଜିଲା ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ସମାଜସେବୀ ଭଗବାନ ସୁଆର, ଚକ୍ରଧର ମହାପାତ୍ର, ଉତ୍କଳ ବିଦ୍ୱତ ପରିଷଦ ସଭାପତି ମନୋଜ କୁମାର ରଥ, ସିଂହାରୀ ସେବକ ମଧୁସୂଦନ ସିଂହାରୀ ଯୋଗ ଦେଇଥିଲେ। ଗୁରୁ ଶତ୍ରୁଘ୍ନ ନାୟକଙ୍କ ପରିଚାଳନାରେ ଗୁରୁ ଡ. ଧୀରଜ କୁମାର ମହାପାତ୍ର, ଗୁରୁ କେଶବ ଚନ୍ଦ୍ର ସାହୁ, ଗୁରୁ ସର୍ବେଶ୍ୱର ବୈଠାରୁ, ଗୁରୁ ସଙ୍ଗୀତା ନାୟକ, ଗୁରୁ ଅନ୍ନପୂର୍ଣ୍ଣା ତ୍ରିପାଠୀ, ଗୁରୁ ସୁରେନ୍ଦ୍ର ନାୟକ, ଗୁରୁ ସତ୍ୟପ୍ରିୟ ମହାପାତ୍ର ଏବଂ ବଟଗୋପାଳ ତ୍ରିପାଠୀ ପ୍ରମୁଖ ଓଡ଼ିଶୀ ରାଗସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ଏହି ଅବସରରେ ଗୁରୁ ଧୀରଜ କୁମାର ମହାପାତ୍ରଙ୍କୁ ଆଦିଗୁରୁ ସୁରସିହାରୀ ସମ୍ମାନ, ଗୁରୁ କେଶବ ଚନ୍ଦ୍ର ସାହୁଙ୍କୁ ପଣ୍ଡିତ ମାର୍କଣ୍ଡେୟ ମହାପାତ୍ର ସ୍ମୃତି ସମ୍ମାନ, ଗୁରୁ ସଙ୍ଗୀତା ନାୟକଙ୍କୁ ପଣ୍ଡିତ କାଶୀନାଥ ପୂଜାପଣ୍ଡା ସ୍ମୃତି ସମ୍ମାନ, ଗୁରୁ ଅନ୍ନପୂର୍ଣ୍ଣା ତ୍ରିପାଠୀଙ୍କୁ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସ ସ୍ମୃତି ସମ୍ମାନ, ଗୁରୁ ସୁରେନ୍ଦ୍ର ନାୟକଙ୍କୁ ପଣ୍ଡିତ ବିଶ୍ୱନାଥ ପୂଜା ପଣ୍ଡା ସ୍ମୃତି ସମ୍ମାନ, ଗୁରୁ ସର୍ବେଶ୍ୱର ବୈଠାରୁଙ୍କୁ ଗୁରୁ ଚନ୍ଦ୍ରମଣି ଲେଙ୍କା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ତରଫରୁ ଚଳିତ ବର୍ଷ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ପ୍ରଥମ କରି ଯୁବ କଣ୍ଠଶିଳ୍ପୀ ବଟଗୋପାଳ ତ୍ରିପାଠୀଙ୍କୁ ଗୁରୁ ବିଶ୍ୱନାଥ ମହାପାତ୍ର ଯୁବ ସମ୍ମାନ ଓ ମର୍ଦ୍ଦଳ କ୍ଷେତ୍ରରେ ମାଧବ ଶ୍ରୀନନ୍ଦନ ସାହୁଙ୍କୁ ଗୁରୁ ରାଜକିଶୋର ମିଶ୍ର ଯୁବସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ନିର୍ଦ୍ଦେଶିକା ତଥା ସହସମ୍ପାଦିକା ସୁନିତା ନାୟକ, କଣ୍ଠଶିଳ୍ପୀ ଧିରେନ କୁମାର, ଗୁରୁ ଭାରତ ନାୟକ, କଣ୍ଠଶିଳ୍ପୀ ସଞ୍ଜୁକ୍ତା ଷଡ଼ଙ୍ଗୀ ପରିଚାଳନା କରିଥିଲେ। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ତଥା ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଗୁରୁ ଶତ୍ରୁଘ୍ନ ନାୟକ ପରିଚାଳନା କରିଥିଲେ।

## କାରାମଙ୍ଗଳ ଅଧିକାରୀଙ୍କୁ ରାଷ୍ଟ୍ରପତି ପଦକ

ଅସ୍ତରଙ୍ଗ,୧।୨(ପ୍ରଦୀପ୍ତ ଦୀକ୍ଷିତ):


ରାଜ୍ୟପାଳ ରଘୁବର ଦାସ ମାନସ ରଞ୍ଜନ ପୁଷ୍ପାଳକଙ୍କୁ ରାଷ୍ଟ୍ରପତି ପଦକ ପ୍ରଦାନ କରୁଛନ୍ତି ।

ସାଧାରଣତନ୍ତ୍ର ଦିବସ ଅବସରରେ ଭୁବନେଶ୍ୱରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପୁରୀ କାରାଗାରର କାରାମଙ୍ଗଳ ଅଧିକାରୀ ମାନସ ରଞ୍ଜନ ପୁଷ୍ପାଳକ ରାଷ୍ଟ୍ରପତି ପଦକ ରାଜ୍ୟପାଳ ରଘୁବର ଦାସଙ୍କଠାରୁ ଗ୍ରହଣ କରିଥିଲେ। ରାଷ୍ଟ୍ରପତି ପଦକ ସହ ରାଜ୍ୟ ସରକାରଙ୍କ ଦ୍ୱାରା ୭ ହଜାର ଟଙ୍କା ପ୍ରୋତ୍ସାହନ ମୂଳକ ଅର୍ଥରାଶି, ଉପଢୌକନ ଓ ମାନପତ୍ର ଲୋକସେବା ଭବନର କନଭେନ୍ସନ ହଲ ଠାରେ ପ୍ରଦାନ କରାଯାଇଛି। ପୁଷ୍ପାଳକ କର୍ତ୍ତବ୍ୟନିଷ୍ଠା, ଶୃଙ୍ଖଳିତ ଆଚରଣ ଓ ଦକ୍ଷ ଅଫିସର ଭାବେ ରାଷ୍ଟ୍ରପତି ପଦକ ପାଇଁ ମନୋନୀତ ହୋଇଥିଲେ। ପୁଷ୍ପାଳକଙ୍କ ଉତ୍ସର୍ଗୀକୃତ ସେବା ମନୋଭାବ ନିମନ୍ତେ ୨୦୨୧ ମସିହାରେ କାରାଗାରରେ କଲ୍ୟାଣ ସେବା ପରିଚାଳନାରେ ଉଲ୍ଲେଖଯୋଗ୍ୟ କାର୍ଯ୍ୟ ପାଇଁ ତାଙ୍କୁ କାରାଗାର ମହାନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ରାଷ୍ଟ୍ରପତି ପଦକ ପାଇବା ପରେ ତାଙ୍କୁ ବିଭିନ୍ନ ଅଞ୍ଚଳରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ମହାପ୍ରଭୁଙ୍କୁ ଦର୍ଶନ କଲେ ନେପାଳର ପ୍ରଧାନ ବିଚାରପତି



ପୁରୀ,୧।୨(ଅଜିତ୍ ମହାନ୍ତି)

ନେପାଳର ପ୍ରଧାନ ବିଚାରପତି ବିଶ୍ୱମ୍ଭର ପ୍ରସାଦ ଶ୍ରେଷ୍ଠା ଓ ତାଙ୍କ ସହଧର୍ମିଣୀ ରୋଶ୍‌ନୀ ଅମାତ୍ୟା ଶ୍ରେଷ୍ଠା ଗୁରୁବାର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଉଭୟଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସିଂହଦ୍ୱାର ନିକଟରେ ସ୍ୱାଗତ କରାଯାଇ ପାଛୋଟି ନିଆଯାଇଥିଲା। ଉଭୟ ବାଇଶି ପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ରତ୍ନସିଂହାସନାରୂଢ଼ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ସେହିପରି ଭିତରବେଢ଼ାରେ ଥିବା ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରିସାରି କିଛି ସମୟ ଶ୍ରୀମନ୍ଦିର ପରିସରରେ ଅତିବାହିତ କରିବା ପରେ ପ୍ରସ୍ଥାନ କରିଥିଲେ। ଏହି ଅବସରରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନେପାଳ ପ୍ରଧାନ ବିଚାରପତି ଓ ତାଙ୍କ ସହଧର୍ମିଣୀଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ କରାଯାଇଥିଲା। ମହାପ୍ରଭୁଙ୍କୁ ଦର୍ଶନ କରି ସେମାନେ ଅତ୍ୟନ୍ତ ଆନନ୍ଦିତ ବୋଲି କହିଥିଲେ।



ଅଯୋଧ୍ୟାଠାରେ ପୁରୀର ରଙ୍ଗଶାଳା ଅନୁଷ୍ଠାନ ପକ୍ଷରୁ ପରିବେଷିତ 'ରାମକଥା'ର ଏକ ଦୃଶ୍ୟ ।

## ସାହିଯାତ ଶୈଳୀରେ 'ରାମକଥା' ପ୍ରଦର୍ଶନ

**ଅଯୋଧ୍ୟାରେ ପୁରୀ ରଙ୍ଗଶାଳା କଳାକାର ମନ ମୋହିଲେ**

ପୁରୀ, ୧।୨(ଅଜିତ୍ ମହାନ୍ତି)

ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଲାଲାଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ସାରା ଦେଶରୁ ଆସିଥିବା ରାମପ୍ରେମୀଙ୍କ ମନ ମୋହିବାରେ ପୁରୀର ରଙ୍ଗଶାଳା ଅନୁଷ୍ଠାନ ସଫଳ ହୋଇଛି। ପୁରୀ ସାହିଯାତ୍ରା ଶୈଳୀରେ 'ରାମକଥା' ନାଟକକୁ ରାମାୟଣ ଆଧାରରେ ଅତ୍ୟନ୍ତ ଚିତ୍ତାକର୍ଷକ ଭାବେ ପରିବେଷଣ କରି କଳାକାରମାନେ ପ୍ରଶଂସା ସାଉଣ୍ଟିଛନ୍ତି। ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଏବଂ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ଉଦ୍ୟମରେ ବିଶିଷ୍ଟ କଳାକାରଙ୍କୁ ନେଇ ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ କୁମାର ସାହୁଙ୍କ ନିର୍ଦ୍ଦେଶନାରେ ଗତ ଜାନୁଆରୀ ୨୯ରୁ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଅଯୋଧ୍ୟାର ବିଭିନ୍ନ ରଙ୍ଗମଞ୍ଚରେ ରାମାୟଣର କଥାବସ୍ତୁ ଯଥା- ସୀତାହରଣ, ଜଟାୟୁ ବଧ, ଶବରୀ ପ୍ରସଙ୍ଗ, ରାମ-ହନୁମାନ ଭେଟ, ବାଳୀ-ସୁଗ୍ରୀବ ଯୁଦ୍ଧ, ସେତୁବନ୍ଧ ପ୍ରତିଷ୍ଠା, ରାବଣ ବଧ ପାଇଁ ଦେବୀ ପୂଜା, ଲଙ୍କାପୋଡ଼ି, ରାବଣ ବଧ ଭଳି ବିଷୟଗୁଡ଼ିକ ଭିନ୍ନ ନାଟକୀୟ ଢଙ୍ଗରେ ଅଭିନୀତ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିପାରିଥିଲେ। ପୁରୀର ସାହିଯାତ ବେଶ୍ ପ୍ରାଚୀନ ହୋଇଥିବାବେଳେ ଏହାକୁ ସର୍ବଭାରତୀୟ ସ୍ତରରେ ମଞ୍ଚରେ ପ୍ରଦର୍ଶନ କରାଇ ରଙ୍ଗଶାଳା ଅନୁଷ୍ଠାନ ଅନନ୍ୟ ଉଦାହରଣ ସୃଷ୍ଟି କରିପାରିଛି। ଏଥିପାଇଁ ରଙ୍ଗଶାଳା ନିର୍ଦ୍ଦେଶକ ଓ କଳାକାରମାନେ ସଂସ୍କୃତି ମନ୍ତ୍ରାଳୟକୁ ଭୂୟସୀ ପ୍ରଶଂସା କରିଛନ୍ତି। ପୂର୍ବାଞ୍ଚଳ ସଂସ୍କୃତି କେନ୍ଦ୍ର ପକ୍ଷରୁ ୯ଟି ରାଜ୍ୟରୁ ଆସିଥିବା ୩୦ ରାମାୟଣ ମଣ୍ଡଳୀ ଏଥିରେ ଭାଗ ନେଇଥିଲେ। ଓଡ଼ିଶାର ରାମକଥା ନାଟକ, ସାହିଯାତ ପ୍ରହ୍ଲାଦ ନାଟକ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଓଡ଼ିଶାରୁ ଅଂଶଗ୍ରହଣ କରିଥିବା କଳାକାରଙ୍କ ମଧ୍ୟରେ କାଳୁଚରଣ ଦାଶ, ସଂଗ୍ରାମ କେଶରୀ ଦାଶ, ରଞ୍ଜନ ପାଢ଼ୀ, ଗୋପୀନାଥ ପୂଜାପଣ୍ଡା, ଦେବୀପ୍ରସାଦ ମିଶ୍ର, ଯୁଧିଷ୍ଠିର ନାୟକ, ସରୋଜ କୁମାର ସାହୁ, ବିକ୍ରମ ମହାପାତ୍ର, ଶ୍ୟାମସୁନ୍ଦର ମହାପାତ୍ର, ଜୟପ୍ରକାଶ ବେହେରା, ଘନଶ୍ୟାମ ବେହେରା, ବିଶ୍ୱନ ଜେନା, କୁଶ ଜେନା, ରମେଶଚନ୍ଦ୍ର ସାହୁ, ସ୍ୱାତୀଶ୍ରୀ ପରିଡ଼ା, ମଧୁସ୍ମିତା ସାହୁ, ସୁଶ୍ରୀ ସଙ୍ଗୀତା ସାହୁ, ସୁକାନ୍ତି ସାହୁ ପ୍ରମୁଖ ରହିଥିଲେ।

## ଦାୟିତ୍ୱ ନେଲେ ନୂତନ ବିଡିଓ

ଅସ୍ତରଙ୍ଗ,୧।୨(ପ୍ରଦୀପ୍ତ ଦୀକ୍ଷିତ):

ଅସ୍ତରଙ୍ଗ ବ୍ଲକର ନୂତନ ବିଡିଓ ସସ୍ମିତା ବେହେରା ଗୁରୁବାର କାର୍ଯ୍ୟରେ ଯୋଗଦେଇଛନ୍ତି। ସୂଚନା ମୁତାବକ, ଗତ ମାସରେ ବଦଳି ଅର୍ଡର ପ୍ରକାଶ ପାଇଥିବାବେଳେ ଇଡ୍‌କୋ ଅଫିସରେ କାର୍ଯ୍ୟ କରୁଥିବା ବେହେରାଙ୍କୁ ଅସ୍ତରଙ୍ଗ ବିଡିଓ ଭାବେ ନିଯୁକ୍ତି କରାଯାଇଥିଲା। ନୂତନ ବିଡିଓ ବେହେରାଙ୍କୁ ବ୍ଲକର ସମସ୍ତ କର୍ମଚାରୀ, ବିଭିନ୍ନ ଦଳର ନେତା, ଲୋକ ପ୍ରତିନିଧି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଜନସାଧାରଣଙ୍କ ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି ବିଡିଓ ବେହେରା କହିଛନ୍ତି।

## ବିଦ୍ୟାଳୟ ଜମିରେ ବେଆଇନ ଭାବେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣକୁ ବିରୋଧ

ବଳଙ୍ଗା,୧।୨(କେଦାରେଶ୍ୱର ନନ୍ଦ)

ବିଦ୍ୟାଳୟ ଜମିରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣକୁ ନେଇ ବଳଙ୍ଗା ଥାନା ଗଡ଼ଚାନ୍ଦପୁରସ୍ଥିତ ଲୋକନାଥ ବିଦ୍ୟାପୀଠର ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଫଳରେ ବିଦ୍ୟାପୀଠର ପରିଚାଳନା କମିଟି ସଭାପତି ଗଙ୍ଗାଧର ଜେନାଙ୍କ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ନିମାପଡ଼ା ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଉକ୍ତ ବିଦ୍ୟାଳୟର ଜମି ପ୍ଲଟ ନମ୍ବର ୨୨୮୦ ଓ ୨୨୮୧ ଜୟଦୁର୍ଗା ନୋଡାଲ ସ୍କୁଲ ପରିସରରେ ପଞ୍ଚାୟତ ପକ୍ଷରୁ ଜୋର ଜବରଦସ୍ତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଉଛି। ଏହି ପ୍ଲଟ୍‌ଟି ସଂରକ୍ଷିତ ଥିବାବେଳେ ନିମାପଡ଼ା ତହସିଲଦାରଙ୍କ ନିକଟରେ ଜବରଦଖଲ କେସ୍ ମଧ୍ୟ ରହିଛି। ତେବେ ଏହି ପ୍ଲଟ୍ ସମେତ ଅନ୍ୟାନ୍ୟ ପ୍ଲଟ୍‌କୁ ମିଶାଇ ୪ ଏକର ଜମିକୁ ପରମାନେଣ୍ଟ ଲିଜ୍ ପାଇଁ ଆବେଦନ ହୋଇଛି। ଯାହା ରାଜ୍ୟ ସରକାରଙ୍କ ନିକଟରେ ବିଚାରାଧୀନ ଅଛି। ମାତ୍ର ପଞ୍ଚାୟତ ପକ୍ଷରୁ ଜୋର ଜବରଦସ୍ତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଉଛି। ଏନେଇ ଅଭିଭାବକଙ୍କ ପକ୍ଷରୁ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିବାବେଳେ ଉକ୍ତ କାର୍ଯ୍ୟକୁ ବନ୍ଦ ରଖିବାକୁ କୁହାଯାଇଥିଲା। କାମ କରୁଥିବା ଲୋକମାନେ ମନ ଇଚ୍ଛାରେ ଉକ୍ତ କାର୍ଯ୍ୟକୁ କରୁଥିବାରୁ ତୁରନ୍ତ କାର୍ଯ୍ୟକୁ ବନ୍ଦ କରାଯିବାକୁ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## 'ବୁଦ୍ଧିମତ୍ତାର ବିକାଶ କରିଥାଏ କ୍ରୀଡ଼ା'


 କ୍ରୀଡ଼ା ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ**

ସାକ୍ଷୀଗୋପାଳ, ୧।୨(ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର/ଭରତ ରାଉତ):

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହା ଦୁଇଦିନ ଧରି ଚାଲିବ। ପଞ୍ଚସଖା ଖେଳପଡ଼ିଆରେ ଆୟୋଜିତ କ୍ରୀଡ଼ା ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବ୍ଲକ ଅଧକ୍ଷ ସୁନୀଲ କୁମାର ପଣ୍ଡା ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ପୂର୍ବତନ ଶିକ୍ଷାବିତ୍ ପ୍ରଣବ ମିଶ୍ର, ସରପଞ୍ଚ ଆରାଧନା ସାମନ୍ତରାୟ, ସମିତି ସଭ୍ୟ ଦୀପକ ଶତପଥୀ, ସ୍କୁଲ ଅଭିଭାବକ କମିଟି ସଭାପତି ଚକ୍ରଧର ମହାରଣା, ଉପସଭାପତି ବର୍ଷାରାଣୀ ମେକାପ ଯୋଗଦେଇଥିଲେ। ସାମ୍ପ୍ରତିକ ସମୟରେ ଅଭିଭାବକମାନେ ପିଲାଙ୍କୁ ଖେଳିବା ପାଇଁ ସୁଯୋଗ ଦେଉନାହାନ୍ତି। କିନ୍ତୁ ଛୋଟବେଳୁ ପିଲାଙ୍କୁ ବିଭିନ୍ନ ଖେଳ ଦ୍ୱାରା ଯୋଡ଼ି ରଖିଲେ ସେମାନେ କ୍ରୀଡ଼ାରେ ପ୍ରୟୋଗ କରୁଥିବା ବୁଦ୍ଧିମତ୍ତାର ବିକାଶ ଘଟିଥାଏ। ବିଶେଷକରି ନିଜକୁ ଠିକ୍ ଭାବେ ଉପଯୋଗ କରିବା, ନିୟମ ମାନିବା, ଧ୍ୟାନ ଆକର୍ଷଣ, ଯୋଜନା ପ୍ରସ୍ତୁତ, ମନେ ରଖିବା, ନିଜ ବୁଦ୍ଧି ଖଟାଇବା ଦ୍ୱାରା ପିଲାଙ୍କ ଶାରୀରିକ ଓ ମାନସିକ ବିକାଶ ଘଟିଥାଏ। ସେହିପରି ପିଲାଙ୍କ ସୁସ୍ଥତା, ପାଠ ଓ ଜୀବନଚର୍ଯ୍ୟାରେ ଖେଳ ପ୍ରଭାବ ପକାଇଥାଏ ବୋଲି ପଣ୍ଡା ପ୍ରକାଶ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ସୁଚିତ୍ର ଖଟେଇଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ବୈଜୟନ୍ତୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## କଲେଜ ଅଧକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଡେଲାଙ୍ଗ,୧।୨(ରଶ୍ମିରଞ୍ଜନ ଜେନା):



ଡେଲାଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧକ୍ଷ ଡ. ଶରତଚନ୍ଦ୍ର ବିଶ୍ୱାଳଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଅଧ୍ୟାପକ ସରୋଜ ବଳିୟାରସିଂ ଏଥିରେ ଅଧକ୍ଷତା କରିଥିଲେ। ପୂର୍ବତନ ଅଧକ୍ଷ ଭାସ୍କର ଚନ୍ଦ୍ର ସାମନ୍ତରାୟ, ଅଭୟଚରଣ ରାଉତରାୟ, ଗାଦିବ୍ରହ୍ମ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ଡ. ସରୋଜ ପଣ୍ଡା, ପ୍ରବଚକ ଶରତ ରାଉତରାୟ, ଅଧ୍ୟାପକ ଡ. ଘନଶ୍ୟାମ ସ୍ୱାଇଁ, ସ୍ନେହାଞ୍ଜଳି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ସୁସମ୍ପର୍କ ଓ ଅବସର ଗ୍ରହଣ କରୁଥିବା ଡ. ବିଶ୍ୱାଳଙ୍କ ବିଦ୍ୟାଳୟ ପ୍ରତିଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ତାଙ୍କ ସମୟରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟଧାରା ସମ୍ପର୍କରେ ଅଧ୍ୟାପିକା ଓ ଅଧ୍ୟାପକ ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟର ଉନ୍ନତି ନିମନ୍ତେ ପ୍ରତ୍ୟେକ ନିଷ୍ଠାପର ଭାବେ ଏକତ୍ର ହୋଇ କାର୍ଯ୍ୟ କରିବାକୁ ବିଦାୟୀ ଅଧକ୍ଷ ସହକର୍ମୀଙ୍କୁ ଆହ୍ୱାନ ଦେଇଥିଲେ।

## ମିଶନ ଶକ୍ତି ମହିଳାଙ୍କ କବି ସମ୍ମିଳନୀରେ ଅନସୂୟା ପ୍ରଥମ

ଗୋପ,୧।୨(ଭାରତୀ ଭୂଷଣ ଉପାଧ୍ୟାୟ):

ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିବା ସହ ଅନ୍ୟ ଦିଗରେ ଆହୁରି ଅଧିକ ମାତ୍ରାରେ ସକ୍ରିୟ କରିବା ଉଦ୍ଦେଶ୍ୟରେ ଗୁରୁବାର ଗୋପ ବୈଠକ ଗୃହରେ ମିଶନ ଶକ୍ତି ମହିଳାଙ୍କୁ ନେଇ ଏକ କବିତା ସଙ୍କଳନ କରାଯାଇଥିଲା। ଏଥିରେ ଗୋପ ବ୍ଲକର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ୧୮ ଜଣ ମହିଳା କବିତା ସମ୍ମିଳନୀରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଗୋପ ବ୍ଲକ ଶିମିଳି ପଞ୍ଚାୟତ ଶିରିପୁର ମା' ଦଶଭୁଜା ଏସ୍‌ଏଚ୍‌ଜିର ଅନସୂୟା ରାଉତରାୟ ପ୍ରଥମ ହୋଇଥିଲେ। ମହଲପଡ଼ା ପଞ୍ଚାୟତ ଓରେଇ ମହିଳା ଗୋଷ୍ଠୀର କୁନି ନାୟକ ଦ୍ୱିତୀୟ ଓ ଜୟାମିନୀ ଦଳାଇ, ଅନ୍ନଦାରାଣୀ ତୃତୀୟ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ମହିଳାଙ୍କ ମଧ୍ୟରେ ମାଟି ମା'ର ବାସ୍ନାକୁ ଆଗକୁ ବଢ଼ାଇବା ଉଦ୍ଦେଶ୍ୟରେ ଏହି କବିତା ସମ୍ମିଳନୀ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୋପ ବ୍ଲକ ବିଡିଓ ଛବିରାଣୀ ସାହୁ, ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି, ଓଡ଼ିଶା ଜୀବିକା ମିଶନ ଅଧିକାରିଣୀ ଦୀପାଳି ଛାଟୋଇ, ଟିଙ୍କିନା ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଜଜ୍ ଭାବେ ଶିକ୍ଷାବିତ୍ ରବୀନ୍ଦ୍ର ବାହିନୀପତି, ଆଙ୍କର ଭାବରେ ସଂଗ୍ରାମ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। କବିତା ସମ୍ମିଳନୀ ଯୋଗଦେଇଥିବା ସମସ୍ତ ସଭ୍ୟାଙ୍କୁ ସମ୍ମାନୀତ କରାଯାଇଥିଲା।


କାର୍ଯ୍ୟକ୍ରମରେ କୃତୀତ୍ୱ ହାସଲ କରିଥିବା ମହିଳାମାନେ ।

## 'ସାମ୍ପ୍ରତିକ ସ୍ଥିତିରେ ଭଗବତୀଚରଣଙ୍କ ଆଦର୍ଶର ଆବଶ୍ୟକତା ରହିଛି'

**ଭଗବତୀ ବିଦ୍ୟାନିକେତନ ପକ୍ଷରୁ ଜୟନ୍ତୀ ପାଳିତ**

ପୁରୀ, ୧।୨(ଅଜିତ୍ ମହାନ୍ତି)


ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

ଭଗବତୀ ବିଦ୍ୟାନିକେତନର ୨୫ତମ ପ୍ରତିଷ୍ଠା ଦିବସ ଅବସରରେ ଗୁରୁବାର କ୍ରାନ୍ତି ଚେତନାର ପୂର୍ଣ୍ଣାନୁଗତ, ସାମ୍ୟବାଦୀ ଚେତନା ପୁରୁଷ, ପ୍ରଗତିଶୀଳ ସାହିତ୍ୟିକ ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଠରନଳାସ୍ଥିତ ବିଦ୍ୟା ନିକେତନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ତଥା ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶ ଯୋଗଦେଇ କହିଥିଲେ ଯେ, ଭଗବତୀ ଚରଣ ଥିଲେ ଓଡ଼ିଶା ସାମ୍ୟବାଦୀ ଆନ୍ଦୋଳନର ଭଗୀରଥ ଏବଂ ପ୍ରଗତିଶୀଳ ସାହିତ୍ୟ ଓ ସଂସ୍କୃତି ଆନ୍ଦୋଳନର ମୁଖ୍ୟ ମାର୍ଗଦର୍ଶକ। ସେ ସର୍ବଦା ଏକ ଶୋଷଣ, କଷଣ ଏବଂ ସାଲିସ ବିହୀନ ସମାଜ ଗଢ଼ିବାକୁ ଚାହୁଁଥିଲେ। ଭଗବତୀଙ୍କୁ ମାଟିରେ ମଣିଷ ଓ ସାମ୍ୟବାଦୀ ପୁରୁଷ ବୋଲି ଦାଶ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ସମ୍ପାଦକ ମହେନ୍ଦ୍ର ବିଶୋଇ, ସହସମ୍ପାଦକ ଲକ୍ଷ୍ମୀଧର ମାଝି, ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣାକୁମାରୀ ଦେଇ ଏବଂ ଡାକ୍ତର ପ୍ରଫୁଲ୍ଲ କୁମାର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସାମ୍ପ୍ରତିକ ସ୍ଥିତିରେ ଭଗବତୀ ଚରଣଙ୍କ ଆଦର୍ଶ ଓ ଚେତନାର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିବା ସହ ତାଙ୍କ ଜୀବନୀ, ଆଦର୍ଶ ଓ ସାହିତ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଭା ପ୍ରାରମ୍ଭରେ ଗୋଲ୍‌ଡି ଭଞ୍ଜ ପ୍ରାରମ୍ଭିକ ସୂଚନା ଦେଇଥିଲେ। ୧୨ଜଣ କୁନି ବିଦ୍ୟାର୍ଥୀ ଭଗବତୀ ଚରଣଙ୍କ ଆଦର୍ଶ ଓ ବିଦ୍ୟାଳୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପେଟିନସାହିରେ ମହିଳାଙ୍କୁ ନେଇ କଂଗ୍ରେସର ବୈଠକ

କଟକ,୧।୨(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ଆହ୍ୱାନକ୍ରମେ ଗୁରୁବାର ୨୧ ନମ୍ବର ୱାର୍ଡ ଅନ୍ତର୍ଗତ ପେଟିନ ସାହି ଅଞ୍ଚଳର ମହିଳାଙ୍କୁ ନେଇ କଂଗ୍ରେସର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନଗର ମହିଳା କଂଗ୍ରେସର ପୂର୍ବତନ ସଭାନେତ୍ରୀ ଶୈଳବାଳା ଜେନା ଅଧ୍ୟକ୍ଷତା କରିଥିଲେ। ୱାର୍ଡ ଅଞ୍ଚଳରେ ସଙ୍ଗଠନକୁ ସୁଦୃଢ଼ କରାଯିବା, ଅଧିକରୁ ଅଧିକ ମହିଳାଙ୍କୁ ସଙ୍ଗଠନରେ ଯୋଡ଼ିବା, ଲୋକଙ୍କ ସହିତ ଜଡିତ ରହିବା ଏବଂ ୱାର୍ଡ ଅଞ୍ଚଳରେ ବିଧାୟକ ଉନ୍ନୟନ ପାଣ୍ଠିର ଅର୍ଥ ଦ୍ୱାରା ହୋଇଥିବା ଉନ୍ନୟନ କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ବୈଠକରେ ପୂର୍ବତନ କର୍ପୋରେଟର ଅନିତା ନାୟକ, ଚାରୁଲତା ସାହୁ, ଅମିତା ଦାସ, ପଲ୍ଲବୀ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

### କନ୍ଦରପୁର ପଞ୍ଚାୟତରେ ବିକାଶ କାର୍ଯ୍ୟକ୍ରମ

କଟକ ସଦର,୧।୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଧୀନ କନ୍ଦରପୁର ପଞ୍ଚାୟତରେ ବୁଧବାର ଅନୁଷ୍ଠିତ ବିକାଶ କାର୍ଯ୍ୟକ୍ରମକୁ ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ସୁଭାଷିନୀ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ନୋଡାଲ ଅଧିକାରୀ ସୁନୀତା ମହାନ୍ତି, ସମିତି ସଭ୍ୟ ସାରଦା ପ୍ରସନ୍ନ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ବିଭୂତି ଭୂଷଣ ପରିଡ଼ା, ସମର ବେହେରା, ବିଘ୍ନେଶ୍ୱର ରାଉତ, ପୂର୍ବତନ ସରପଞ୍ଚ ପ୍ରମୋଦ ରାଉତ, ପ୍ରଫୁଲ୍ଲ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଉଦ୍ୟମ ଅଧିକାରୀ ଦେବୀ ପ୍ରସାଦ ରାଉତ, ସମବାୟବିତ୍ ରାଜୀବ ବେଉରା, ଡ. ଶୁଭାଶିଷ ଶତପଥୀ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଜନତାଙ୍କୁ ସୂଚନା ଦେଇଥିଲେ।

### ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ବାଙ୍କୀ,୧।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ ଖେଳ ପଡ଼ିଆରେ ଆମ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ପଞ୍ଚାୟତସ୍ତରୀୟ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ, ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ବାଙ୍କୀ ବିଜୁ ଜନତା ଦଳ ସଭାପତି ଅନନ୍ତ ଚରଣ ଦାଶ, ୩୪ ନମ୍ବର ଜିଲା ପରିଷଦ ସଦସ୍ୟା ରଶ୍ମିତା ସାହୁ, ସ୍ଥାନୀୟ ସରପଞ୍ଚ ପ୍ରଭୂ ପ୍ରସାଦ ବେହେରା, ସମିତି ସଭ୍ୟ ପ୍ରଶାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

### ଗୋଚର ଜମିରେ ସ୍ଥାୟୀ ନିର୍ମାଣ ବିରୋଧରେ ଉପଜିଲାପାଳଙ୍କୁ ଦାବିପତ୍ର

କଟକ ସଦର,୧।୨(ସୁଶାନ୍ତ କୁମାର ଜେନା)

କିଶନନଗର ତହସିଲ ଅଧୀନ କେଶନଗରସ୍ଥିତ ଏକ ଗୋଚର ଜମିରେ ସ୍ଥାୟୀ ନିର୍ମାଣ ଚାଲିଥିବା ପ୍ରତିବାଦରେ ବିଶ୍ୱ ଗୋ ସୁରକ୍ଷା ବାହିନୀର ରାଜ୍ୟ ସଭାପତି ଆଇନଜୀବୀ ସୁରେଶ ପଣ୍ଡା ଗୁରୁବାର କଟକ ସଦର ଉପଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। କେଶନଗର ମୌଜାର ଏହି ୨ ଏକର ୨୩ ଡିସିମିଲ ଜମିକୁ ବାଉଁଶ ବାଡ଼ ଦ୍ୱାରା ଆବଦ୍ଧ କରାଯାଇଛି। ଏହାଛଡ଼ା ଏହି ଜମିରେ ସ୍ଥାୟୀ ନିର୍ମାଣ ଚାଲିଥିବାରୁ ଏହାକୁ ବନ୍ଦ କରିବାକୁ ହାଇକୋର୍ଟରେ ବିଶ୍ୱ ଗୋ ସୁରକ୍ଷା ବାହିନୀ ପକ୍ଷରୁ ଜନସ୍ୱାର୍ଥ ମାମଲା ବିଚାରାଧୀନ ରହିଛି। ହେଲେ ଏହି ନିର୍ମାଣ ଓ ବାଡ଼ ବନ୍ଦୀ କିଏ କରିଛି, ସେ କଥା କିଶନନଗର ତହସିଲଦାର ଜାଣି ନ ଥିବା ସୂଚନା ଦେଇଛନ୍ତି। ତୁରନ୍ତ ନିର୍ମାଣ ବନ୍ଦ ପାଇଁ ପଦକ୍ଷେପ ନିଆଯିବ ବୋଲି ଉପ ଜିଲାପାଳ କମଳଜିତ ଦାସ ପ୍ରତିଶ୍ରୁତି ଦେଇଥିବା ପଣ୍ଡା ଗଣମାଧ୍ୟମକୁ କହିଛନ୍ତି। ଅନ୍ୟପକ୍ଷରେ ଗୋଚର ଜମିଟି ତହସିଲ କାର୍ଯ୍ୟାଳୟଠାରୁ ମାତ୍ର ୩୦୦ ମିଟର ଦୂରରେ ଅବସ୍ଥିତ। ବର୍ତ୍ତମାନ ନିର୍ମାଣ ସମ୍ପର୍କରେ ତହସିଲଦାର ମଧୁସୂଦନ ନାୟକଙ୍କୁ ପଚାରିବାରୁ ଏହା ଉପରେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଥିଲେ।

# ରୋଗୀ ପାଇବେ ଉନ୍ନତମାନର ଚିକିତ୍ସା ସୁବିଧା

■ଜିଲା ମୁଖ୍ୟ ଚିକିତ୍ସାଳୟ ନବୀକରଣ କାର୍ଯ୍ୟ ଜାରି
■୨୫ରେ ହେବ ନାହିଁ ନବୀକରଣ କାର୍ଯ୍ୟ ଉଦ୍‌ଘାଟନ

କଟକ,୧।୨(ଶିଳ୍ପା ପ୍ରିୟଦର୍ଶିନୀ)



ଆସନ୍ତା ୧୫ ଦିନ ମଧ୍ୟରେ ସିଟି ହସ୍ପିଟାଲ ବା କଟକ ଜିଲା ମୁଖ୍ୟ ଚିକିତ୍ସାଳୟର ନବୀକରଣ କାର୍ଯ୍ୟ ଶେଷ ହେବ। ୭କୋଟି ଟଙ୍କା ବ୍ୟୟରେ ଆର୍‌ଆଣ୍ଡବି ବିଭାଗ ଏହି କାମ କରୁଛି। ଆମ ହସ୍ପିଟାଲ ଯୋଜନାରେ ଏହି ଚିକିତ୍ସାଳୟକୁ ଗତ ନଭେମ୍ବର ୧୫ରେ ସାମିଲ କରାଯାଇଥିଲା। ନବୀକରଣ କାର୍ଯ୍ୟ ଗତ ଡିସେମ୍ବର ୩୧ ସୁଦ୍ଧା ଶେଷ କରିବା ପାଇଁ ପୂର୍ବରୁ ଧାର୍ଯ୍ୟ କରାଯାଇଥିଲା। ହେଲେ ତାହା ଧାର୍ଯ୍ୟ ସମୟରେ ସମ୍ପୂର୍ଣ୍ଣ ହୋଇପାରିନଥିଲା। ଆମ ହସ୍ପିଟାଲ ଯୋଜନାରେ ସାମିଲ ଥିବା ଚିକିତ୍ସାଳୟଗୁଡ଼ିକର ନବୀକରଣ କାର୍ଯ୍ୟକୁ ଫେବୃଆରୀ ୨୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଯୋଗେ ଉଦ୍‌ଘାଟନ କରିବା ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଗତ ଜାନୁଆରୀରେ ସୂଚନା ଦିଆଯାଇଥିଲା। ପରେ ଏନେଇ ଜାନୁଆରୀ ୧୦ରେ ପୂର୍ବତନ ଜିଲାପାଳ ନରହରି ସେଠୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ଫେବୃଆରୀ ୨୫ରେ ହେବାକୁ ଥିବା ଉଦ୍‌ଘାଟନ କାର୍ଯ୍ୟକ୍ରମକୁ କୌଣସି କାରଣରୁ ଘୁଞ୍ଚାଇ ଦିଆଯାଇଥିବା ସୂଚନା ମିଳିଛି।

ଏନେଇ ଏଡିଏମ୍‌ଓ ଡ. ସୁଧାଂଶୁ କୁମାର ଗିରି କହିଛନ୍ତି, ହସ୍ପିଟାଲର ସମସ୍ତ କାମ ସରି ଆସିଲାଣି। ଆସନ୍ତା ୧୫ଦିନ ମଧ୍ୟରେ କାର୍ଯ୍ୟ ସମାପ୍ତ ହୋଇଯିବ। ଗତ ମାସରେ ସୂଚନା ରହିଥିଲା ଯେ, ଫେବୃଆରୀ ୨୫ରେ ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଛି। ହେଲେ ତାହା ୨୫ ତାରିଖରେ ଉଦ୍‌ଘାଟନ ହେବନାହିଁ। ତେବେ ଅନ୍ୟ କେଉଁ ତାରିଖ ଧାର୍ଯ୍ୟ କରାଯାଇଛି ତା'ର କୌଣସି ସୂଚନା ଏପର୍ଯ୍ୟନ୍ତ ଆମକୁ ମିଳିନାହିଁ। ଏହି ନବୀକରଣ କାର୍ଯ୍ୟ ଫଳରେ ରୋଗୀ ସେବାରେ ବହୁ ସହାୟକ ହେବା ସହ ରୋଗୀମାନେ ସୁବିଧାରେ ହସ୍ପିଟାଲରେ ଚିକିତ୍ସା ପାଇପାରିବେ ବୋଲି ଗିରି କହିଛନ୍ତି।

ସୂଚନାନୁଯାୟୀ, ଜିଲା ମୁଖ୍ୟ ଚିକିତ୍ସାଳୟ ନବୀକରଣ କାର୍ଯ୍ୟ ଜାରି ରହିଛି। ଚିକିତ୍ସାଳୟ ପରିସରରେ ୮୦ ଜଣ ବସିବା ପାଇଁ ପ୍ରତୀକ୍ଷା ଗୃହ, ମିଲେଟ କାଫେ, ନୂତନ ଫାଟକ, ସୁରକ୍ଷାକର୍ମୀଙ୍କ ଗୃହ, ପଞ୍ଜୀକରଣ ଗୃହ ନିର୍ମାଣ କରାଯାଇଛି। ପଞ୍ଜୀକରଣ ଗୃହରେ ୬ଟି ଧାଡ଼ି ରହିଛି। ତନ୍ମଧ୍ୟରୁ ଗୋଟିଏ ଧାଡ଼ି ସ୍ୱତନ୍ତ୍ର ଭାବେ ବରିଷ୍ଠ ନାଗରିକ ଓ ଗୋଟିଏ ଧାଡ଼ି ଭିନ୍ନକ୍ଷମଙ୍କ ନିମନ୍ତେ ଉଦ୍ଦିଷ୍ଟ। ଚିକିତ୍ସାଳୟ ପରିସରରେ ଥିବା ପ୍ରତ୍ୟେକ ୱାର୍ଡରେ ରୋଗୀଙ୍କ ଶୌଚାଳୟ ନୂତନ ଭାବେ ନିର୍ମାଣ କରାଯାଇଛି। ଔଷଧ ବିତରଣ ଗୃହରେ ୪ଟି ଧାଡ଼ି କରାଯାଇଛି ଯାହା ଭିନ୍ନକ୍ଷମ, ମହିଳା, ପୁରୁଷଙ୍କ ଲାଗି ଉଦ୍ଦିଷ୍ଟ। ଚିକିତ୍ସାଳୟ ପରିସରରେ ଆଲୋକୀକରଣ ଓ ସୋଲାର ବ୍ୟବସ୍ଥା, ପାଥୋଲୋଜି ପରିସରରେ ପଞ୍ଜୀକରଣ ଓ ରକ୍ତନମୁନା ସଂଗ୍ରହ ବ୍ୟବସ୍ଥା, ଚକ୍ଷୁ ବିଭାଗର ନୂତନ ଓପିଡି, ମେଡିକାଲ ପରିସରରେ ୨୦ ଜଣ ରୋଗୀ ସମ୍ପର୍କୀୟଙ୍କ ପାଇଁ ରହଣି ଗୃହ, ହାଇମାଷ୍ଟ ଲାଇଟ ସଂଯୋଗ ଏବଂ ଫେଭର ରାସ୍ତା ନିର୍ମାଣ କରାଯାଇଛି।

# 'ଆଉ ଜିଲା ବାହାରକୁ ଯିବେନି କିଡ୍‌ନୀ ରୋଗୀ'



ଡାଏଲିସିସ୍ କେନ୍ଦ୍ର ଲୋକାର୍ପଣ ଅବସରରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

ଟିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାଏଲିସିସ୍ କେନ୍ଦ୍ର ଲୋକାର୍ପିତ

ଟିଗିରିଆ,୧।୨(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କିଡ଼ନୀ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଡାଏଲିସିସ କେନ୍ଦ୍ରକୁ ଅଭାସୀ ମାଧ୍ୟମରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହ କଟକ ଜିଲାପାଳ ଭିନିଥ ଭରଦ୍ୱାଜ, କଟକ ଜିଲା ଚିକିତ୍ସା ଅଧିକାରୀ ମକରନ୍ଦ ବେଉରା, ଆଠଗଡ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଟିଗିରିଆ ତହସିଲଦାର ଅକ୍ଷୟ କୁମାର ପରିଡା, ଟିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ଅଧିକାରୀ ଡ. ଲିପ୍‌ସା ବିଶୋଇ, ଡ.ଅଙ୍କିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଟିଗିରିଆ ବ୍ଲକ ଅଞ୍ଚଳରେ ବର୍ତ୍ତମାନ ସୁଦ୍ଧା ୨୫୦ ଜଣ କିଡ୍‌ନୀ ରୋଗୀ ଜିଲା ତଥା ଜିଲା ବାହାରେ ଡାଏଲିସିସ କରୁଥିବାବେଳେ ଏବେ ସେମାନଙ୍କୁ ଆଉ ବାହାରକୁ ଯିବାକୁ ପଡ଼ିବ ନାହିଁ। ଏଠାରେ ସୁବିଧାରେ ରୋଗୀମାନେ ଡାଏଲେସିସ କରିପାରିବେ ବୋଲି କଟକ ଜିଲା ଚିକିତ୍ସା ଅଧିକାରୀ ବେଉରା କହିଁଛନ୍ତି। ଏହି କାର୍ଯ୍ୟକ୍ରମରେ ଟିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ ସାହୁ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ସମସ୍ତ ସରପଞ୍ଚ, ସମିତି ସଭ୍ୟ, ମହିଳା ଗୋଷ୍ଠୀ ସଭ୍ୟା ଓ ସାଧାରଣ ଲୋକ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଥମ ରୋଗୀ ଭାବେ ଗୋକର୍ଣ୍ଣଖାଲ ଗ୍ରାମର କୈଳାସ ବେହେରା (୫୩)ଙ୍କ ଡାଏଲିସିସ କରାଯାଇଛି।



ଜିଲାପାଳ ଭିନିଥ ଭରଦ୍ୱାଜ ଗୁରୁବାର କଟକ ଚଣ୍ଡୀ ମନ୍ଦିରରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

### ପ୍ରତ୍ୟେକ ଛାତ୍ରୀଛାତ୍ର କ୍ରୀଡ଼ାରେ ଭାଗ ନିଅନ୍ତୁ

ମାହାଙ୍ଗା, ୧।୨(ଯଯାତି ସିଂହ)

ମାହାଙ୍ଗା ବ୍ଲକ କୁଣ୍ଡି ପଞ୍ଚାୟତସ୍ଥିତ ହାଇସ୍କୁଲ କୁଣ୍ଡି ଓ କୁମୁଡ଼ାଜୟପୁର ସରକାରୀ ଉପ୍ରା ମଇ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ପଞ୍ଚାୟତ ହାଇସ୍କୁଲ କୁଣ୍ଡିର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। କୁମୁଡ଼ାଜୟପୁର ସରକାରୀ ଉପ୍ରା ମଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାରତ ଭୂଷଣ ଦାସଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ସତ୍ୟଜିତ କିଶୋର ଦାସ ଯୋଗଦେଇ ପ୍ରତ୍ୟେକ ଛାତ୍ରୀଛାତ୍ର କ୍ରୀଡ଼ାରେ ଭାଗ ନେବା ଉଚିତ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଗୀତିକାର ବିଶ୍ୱେଶ୍ୱର ମହାନ୍ତି,ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ପତି, ସରପଞ୍ଚ ବିଜୟାନନ୍ଦ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ବିଭୂତିଭୂଷଣ ଦାସ, ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ପତି, ଭାସ୍କର ରାଉତରାୟ ପ୍ରମୁଖ ଯୋଗଦେଇ କ୍ରୀଡାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶିକ୍ଷକ ରବୀନ୍ଦ୍ର କିଶୋର ସାହୁ ଅତିଥି ପରିଚୟ ,ଶିକ୍ଷକ ସୁକୁନୁ ମୁର୍ମୁ ସ୍ୱାଗତ ଭାଷଣ ଓ ଶିକ୍ଷକ ଅଶୋକ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ସର୍ବଶ୍ରୀ ସାବିତ୍ରୀ ଟୁଡୁ, ସମୀର କେଶରୀ ବର୍ମା, କୃଷ୍ଣଚନ୍ଦ୍ର ସାହୁ, ସଂଗୀତା ନାୟକ,ପ୍ରିୟଦର୍ଶୀ ନାୟକ,ନୀଳକଣ୍ଠ ରାଉତ,ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଅମୁଲ୍ୟ କୁମାର ମହାନ୍ତି ଓ ସେକ୍ ମକବୁଲ ଅଲ୍ଲି ଖେଳ ପରିଚାଳନା କରିଥିଲେ ।

# ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ନିର୍ଦ୍ଦେଶ

ପେଟ୍ ସିଟି ସ୍କାନ୍ ମେଶିନ ସ୍ଥାପନା ମାମଲା

କଟକ,୧।୨(କାର୍ତ୍ତିକ ସାହୁ)



ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବି ୩ଟି ମେଡିକାଲରେ ପେଟ୍ ସିଟି ସ୍କାନ ମେଶିନ ସ୍ଥାପନା ହୋଇପାରିନାହିଁ। ଏନେଇ ଆବେଦନକାରୀ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ହାଇକୋର୍ଟ ଜବାବ ଦାଖଲ ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ପେଟ୍‌ସିଟି ସ୍କାନ୍ ମେଶିନ କେବେ ସ୍ଥାପନ ହେବ ସେନେଇ ରାଜ୍ୟ ସରକାରଙ୍କୁ ଏକ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁସାରେ, ବ୍ରହ୍ମପୁର ଓ ବାଲେଶ୍ୱର ମେଡିକାଲ କଲେଜ ସମେତ ଝାରସୁଗୁଡ଼ା ଜିଲା ଚିକିତ୍ସାଳୟରେ ପେଟ୍ ସିଟିସ୍କାନ୍ ମେଶିନ ସ୍ଥାପନା କରିବା ପାଇଁ ହାଇକୋର୍ଟ ୨୦୨୩ ଏପ୍ରିଲ ୪ରେ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏ ପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ଷମ ହୋଇନାହିଁ। ପୂର୍ବରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉପରୋକ୍ତ ୩ ଡାକ୍ତରଖାନାରେ ପେଟ ସିଟିସ୍କାନ ମେଶିନ ବସାଇବାରେ ରହିଥିବା ସମସ୍ୟା ସଂକ୍ରାନ୍ତରେ ଅଦାଲତଙ୍କୁ ଅବଗତ କରାଇଥିଲେ। ଏଥିପାଇଁ ଯେଉଁ ଔଷଧର ଆବଶ୍ୟକତା ରହିଛି ତାହା ସ୍ୱଳ୍ପକାଳୀନ ଅବଧିର। ସଡ଼କ ପଥରେ ତିନି ଜିଲାରେ ଧାର୍ଯ୍ୟ ସମୟରେ ପହଞ୍ଚି ପାରିବା ନେଇ ଆଶଙ୍କା ରହିଛି। ତେଣୁ ସେଠାରେ ପେଟ୍ ସିଟି ସ୍କାନ ମେଶିନ ବସାଯାଇପାରିବ ନାହିଁ ବୋଲି ପୂର୍ବରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା। ଆବେଦନକାରୀ ଏହାର ଜବାବରେ ଉକ୍ତ ତିନୋଟି ଜିଲାରେ ମେଶିନ ଲାଗିପାରିବ ବୋଲି କହିଥିଲେ। ଅଦାଲତ ଏହାକୁ ଗ୍ରହଣ କରି ମେଶିନ ବସାଇବା ପାଇଁ ପଦକ୍ଷେପ ନେବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଅନିତା ବୁଦ୍ଧିଆଙ୍କ ପକ୍ଷରୁ ରୁଜୁ ମାମଲାକୁ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୌତମ କୁମାର ଆଚାର୍ଯ୍ୟ ପରିଚାଳନା କରୁଛନ୍ତି।

# ବଢ଼ିଲା ଅନ୍ତରୀଣ ସୁରକ୍ଷା ଅବଧି

ବିଧାୟକ ପ୍ରତାପ ଜେନାଙ୍କ ରିଭିଜନ୍ ପିଟିଶନ୍ ମାମଲା
■୧୩ରେ ପରବର୍ତ୍ତୀ ଶୁଣାଣି

କଟକ,୧।୨(କାର୍ତ୍ତିକ ସାହୁ)

ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ଅନ୍ତରୀଣ ସୁରକ୍ଷା ଅବଧିକୁ ହାଇକୋର୍ଟ ପୁଣି ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଫଳରେ ସେପର୍ଯ୍ୟନ୍ତ ତାଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ। ମାହାଙ୍ଗା ଡବଲ ମର୍ଡର ଘଟଣାରେ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଦାଏର ମାମଲାର ଶୁଣାଣିକୁ ଆସନ୍ତା ୧୩ ତାରିଖ ଯାଏ ହାଇକୋର୍ଟ ଘୁଞ୍ଚାଇ ଦେଇଛନ୍ତି। ବିଚାରପତି ବି.ପି. ରାଉତରାୟଙ୍କ ଅଦାଲତ ଏହି ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ଆସନ୍ତା ୧୩ ତାରିଖକୁ ପରବର୍ତ୍ତୀ ଶୁଣାଣି ନିମନ୍ତେ ଧାର୍ଯ୍ୟ କରିଛନ୍ତି।

ସୂଚନାଯୋଗ୍ୟ, ୨୦୨୧ ଜାନୁଆରୀ ୨ ତାରିଖରେ ଭାଜପା ନେତା କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କ ହତ୍ୟା ଘଟଣାର ତଦନ୍ତର ଫଳାଫଳ ବିରୋଧରେ ରମାକାନ୍ତ ବରାଳ ସାଲେପୁର ଜେଏମଏଫ୍‌ସି ଅଦାଲତରେ ପ୍ରୋଟେଷ୍ଟ ପିଟିଶନ ଦାଖଲ କରିଥିଲେ। ଅଦାଲତ ଏହି ପିଟିଶନର ଶୁଣାଣି କରି ଅଧିକ ତଦନ୍ତ ଓ ଫୋନ୍ ବାର୍ତ୍ତାଳାପର ରେକର୍ଡ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ପୋଲିସ ପୁଣି ତଦନ୍ତ କରିଥିଲା। କିନ୍ତୁ ବିଧାୟକ ଜେନାଙ୍କ ବିରୋଧରେ କୌଣସି ପ୍ରମାଣ ମିଳି ନ ଥିବା ନେଇ ପୋଲିସ କୋର୍ଟରେ ଫାଇନାଲ ରିପୋର୍ଟ ଦାଖଲ କରିଥିଲା। ଏହା ବିରୋଧରେ ପୁଣି ଅଦାଲତରେ ପ୍ରୋଟେଷ୍ଟ ପିଟିଶନ ଦାଏର କରାଯାଇଥିଲା। ଅଦାଲତ ଏହି ଆବେଦନର ଶୁଣାଣି କରି ବିଧାୟକ ଜେନାଙ୍କ ବିରୋଧରେ କଗ୍ନିଜାନ୍ସ ଗ୍ରହଣ କରିଥିଲେ। ମାହାଙ୍ଗା ଡବଲ ମର୍ଡର ଘଟଣାରେ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟ ବିଧାୟକ ଜେନାଙ୍କୁ ବ୍ୟକ୍ତିଗତ ହାଜର ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବା ସହ କ୍ରିମିନାଲ ରିଭିଜନ୍ ପିଟିଶନ୍ ଗତ ଅକ୍ଟୋବର ୩୧ରେ ହାଇକୋର୍ଟରେ ଦାଏର କରିଛନ୍ତି। ନଭେମ୍ବର ୨ରେ ହାଇକୋର୍ଟ ମାମଲାର ପ୍ରାରମ୍ଭିକ ଶୁଣାଣି କରି ପ୍ରତିପକ୍ଷ ରାଜ୍ୟ ସରକାର ଓ ରଣଜିତ ବରାଳଙ୍କୁ ନୋଟିସ ଜାରି କରିଥିଲେ। ହାଇକୋର୍ଟ ଏ ନେଇ ନିମ୍ନ ଅଦାଲତରୁ ରେକର୍ଡ ତଲବ କରିବା ସହ ଡିସେମ୍ବର ୧୯ ପର୍ଯ୍ୟନ୍ତ ବିଧାୟକ ଜେନାଙ୍କ ବିରୋଧରେ କୌଣସି ପ୍ରକାର କଠୋର ପଦକ୍ଷେପ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ।

# ରାଷ୍ଟ୍ର ପ୍ରଗତିରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବଡ଼ମ୍ବା,୧।୨(ମାୟାଧର ମଲ୍ଲିକ)

ରାଷ୍ଟ୍ର ପ୍ରଗତିରେ ମେଧା ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବଡ଼ମ୍ବାସ୍ଥିତ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ବାର୍ଷିକ ଓ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗ ଦେଇ ଏହା କହିଥିଲେ। ଏପରିକି ବଡ଼ମ୍ବା ବ୍ଲକର ସର୍ବାଧିକ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଥିବା ସେ ସୂଚନା ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରବୀଣ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶଚନ୍ଦ୍ର ମତଗଜସିଂ, ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ଶ୍ରୀନିବାସ ପ୍ରଧାନ, ସହକାରୀ ଶିକ୍ଷା ଅଧିକାରୀ ନରେନ୍ଦ୍ର କୁମାର ରଥ ପ୍ରମୁଖ ଯୋଗ ଦେଇ ଉତ୍ସବର ମହତ୍ତ୍ୱ ପ୍ରତିପାଦନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମିନା ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅନ୍ୟ ପକ୍ଷରେ ଉକ୍ତ ବିଦ୍ୟାଳୟରୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଥିବା ଛାତ୍ରୀଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।



ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ଗଣତନ୍ତ୍ରର ସୁରକ୍ଷା ଆବଶ୍ୟକ: ବିଶ୍ୱଭୂଷଣ

କଟକ,୧।୨(କାର୍ତ୍ତିକ ସାହୁ)




ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତି ଉତ୍ସବରେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓ ଅନ୍ୟ ଅତିଥିମାନେ।

ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଓଡ଼ିଶା ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତି ଉତ୍ସବ

ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଓଡ଼ିଶା ହାଇକୋର୍ଟର ୭୫ବର୍ଷ ପୂର୍ତ୍ତି ଉତ୍ସବ ଗୁରୁବାର ସନ୍ଧ୍ୟାରେ ହାଇକୋର୍ଟ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇ ୭୫ବର୍ଷର ଗୌରବମୟ ଇତିହାସ ମଧ୍ୟରେ ଓଡ଼ିଶା ହାଇକୋର୍ଟ ବହୁ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଭାରତୀୟ ଗଣତନ୍ତ୍ର ପୃଥିବୀର ସର୍ବବୃହତ୍ ଗଣତନ୍ତ୍ର। ଭାରତୀୟ ନ୍ୟାୟ ବ୍ୟବସ୍ଥାର ଏକ ସୁନାମ ରହିଛି। ଏଭଳି ସ୍ଥିତିରେ ଆଇନଜୀବୀମାନଙ୍କ ସମାଜ ପ୍ରତି ଯଥେଷ୍ଟ କର୍ତ୍ତବ୍ୟ ରହିଛି। ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇଥିବା ମହାତ୍ମା ଗାନ୍ଧୀ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ଡ. ରାଜେନ୍ଦ୍ର ପ୍ରସାଦଙ୍କ ସମେତ ଅନ୍ୟାନ୍ୟ ସଂଗ୍ରାମୀମାନେ ଆଇନଜୀବୀ ଥିଲେ। ସେମାନେ ଦେଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ସମସ୍ତଙ୍କ ପାଇଁ ନ୍ୟାୟ ସମାନ। ସଚେତନ ନାଗରିକମାନେ ଦେଶର ସାଧାରଣ ଲୋକଙ୍କ କଥା ଚିନ୍ତା କରିବା ଆବଶ୍ୟକ। ଗଣତନ୍ତ୍ରର ସୁରକ୍ଷା ସହ ସମାଜର ଦୁର୍ବଳ ବର୍ଗର ଲୋକଙ୍କ ପାଇଁ ଆଇନଜୀବୀମାନେ ଲଢ଼ନ୍ତୁ ବୋଲି ବିଶ୍ୱଭୂଷଣ କହିଛନ୍ତି। ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଉଦୟ ଉମେଶ ଲଳିତ କହିଲେ, ଯୁବ ଆଇନଜୀବୀମାନଙ୍କୁ ପୋଷଣ ଦିଆଯିବା ଆବଶ୍ୟକ। ସେମାନଙ୍କ ନିକଟରେ ବହୁତ ପ୍ରତିଭା ରହିଛି। ସେମାନଙ୍କ ଦକ୍ଷତା ବୃଦ୍ଧି ଦିଗରେ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓଡ଼ିଶା ହାଇକୋର୍ଟର ଗୌରବମୟ ନ୍ୟାୟିକ ବ୍ୟବସ୍ଥା ଥିବା କହିଥିଲେ। ନୋବେଲ ବିଜେତା କୈଳାସ ସତ୍ୟାର୍ଥୀ ସାମାଜିକ ନ୍ୟାୟ ଉପରେ ପଠାଇଥିବା ବାର୍ତ୍ତା ପ୍ରସାର କରାଯାଇଥିଲା। ଆଡ୍‌ଭୋକେଟ ଜେନେରାଲ ଅଶୋକ କୁମାର ପରିଜା ବକ୍ତବ୍ୟ ଦେଇଥିଲେ।

ଆସୋସିଏଶନ୍‌ର ଯୁଗ୍ମ ସମ୍ପାଦକ ଦେବାଶିଷ ନନ୍ଦ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ବରିଷ୍ଠ ଆଇନଜୀବୀ ତଥା ଆସୋସିଏଶନ୍‌ର ସଭାପତି ଧରଣୀଧର ନାୟକ ଅଧ୍ୟକ୍ଷତା କରିଥିଲେ। ।ସୋସିଏସନ୍‌ର ଉପସଭାପତି ବିଦ୍ୟାଧର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ହାଇକୋର୍ଟ ବାର ଆସୋସିଏସନର ସମସ୍ତ ପୂର୍ବତନ ସଭାପତି, ସମ୍ପାଦକ, ଉପସଭାପତିମାନଙ୍କ ସମେତ ୬ଜଣ ବରିଷ୍ଠ ଆଇନଜୀବୀ ଏବଂ ପୂର୍ବତନ ଆଡ୍‌ଭୋକେଟ ଜେନେରାଲମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ଜଳିଗଲା କୋରିଅର ଗାଡ଼ି




ଯାଁଳା,୧।୨(ବୁଲା ବାରିକ): ୧୬ ନମ୍ବର ଜାତୀୟ ରାଜପଥର ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ଯାଁଳା ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ଏକ କୋରିଅର ଗାଡ଼ିରେ ହଠାତ୍ ନିଆଁ ଲାଗିଯାଇଥିଲା। ଫଳରେ ଗାଡ଼ିର ସମ୍ମୁଖ ଜଳିଯାଇଛି। ନିଆଁ ଲାଗିବା ଦେଖି ଚାଳକ ଗାଡି ରଖି ବାହାରକୁ ପଳାଇ ଆସିଥିଲେ। ଖବରପାଇ ଜଟଣୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନା ମୁତାବକ, ଅପରାହ୍ନ ୨ଟାରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଏକ କୋରିଅର ଗାଡ଼ି ଯାଉଥିଲା। ଯାଁଳା ପେଟ୍ରୋଲ ପମ୍ପ ନିକଟରେ ହଠାତ୍ ଗାଡ଼ିରୁ ଧୂଆଁ ବାହାରିଥିଲା। ଏହା ପରେ ଚାଳକ ଗାଡ଼ିକୁ ରାସ୍ତାପାର୍ଶ୍ୱରେ ରଖି ବାହାରକୁ ପଳାଇ ଆସିଥିଲେ। ଏହାପରେ ଗାଡ଼ିର ସମ୍ମୁଖ ଭାଗ ଜଳିଯାଇଥିଲା। କିଛି ସମୟ ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ଜଟଣୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଗାଡ଼ିରେ ସଟସର୍କିଟ ଯୋଗୁ ନିଆଁ ଲାଗିଯାଇଥିଲା ବୋଲି ଅଗ୍ନିଶମ ବିଭାଗର ଜଣେ କର୍ମଚାରୀ କହିଛନ୍ତି।

### ଫାଇନାଲରେ ବାଲିଆପଡ଼ା

ଖୋର୍ଦ୍ଧା,୧।୨(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ବ୍ଲକ କୁରାଢମଲ୍ଲଠାରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟରେ ବାଲିଆପଡ଼ା ଟିମ୍ ଫାଇନାଲରେ ପ୍ରବେଶ କରିଛି। ମା'ବାଉତୀ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଗୁରୁବାର ଆୟୋଜିତ ଏହି ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବାଲିଆପଡା ଓ ମେଣ୍ଢାଶାଳ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ବାଲିଆପଡ଼ା ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୨୦୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅରୁଣ କୁମା ଡାକୁଆ ୩୭ବଲରୁ ୬୨ରନ ସଂଗ୍ରହ କରିଥିଲେ। ଜବାବରେ ମେଣ୍ଢାଶାଳ ଟିମ ୧୯.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୭୧ ରନ ସଂଗ୍ରହ କରିଥିଲା। ବାଲିଆପଡା ଟିମ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ସନ୍ତୋଷ ଭୋଳ ୪ ଓଭର ବୋଲିଂ କରି ୪ଟି ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଛବି ନାରାୟଣ ସାହୁ ଓ ଗୋପୀନାଥ ମାଝି ମ୍ୟାଚ୍ ପରିଚାଳନା କରିଥିବା ବେଳେ କ୍ରିତିରଞ୍ଜନ ସୁବୁଦ୍ଧି, ଶ୍ରଦ୍ଧାନନ୍ଦ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ଶଙ୍କର ପରିଡା ସ୍କୋରର ଦାୟିତ୍ୱରେ ରହିଥିଲେ। ମ୍ୟାଚରେ ଅତିଥିଭାବେ ପ୍ରଦୀପ୍ତ ପରିଡା, ସରପଞ୍ଚ ଶ୍ରୀରାମ ମହାନ୍ତି, ଗୋପୀନାଥ ମହାରଥୀ, ସୌମ୍ୟରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଶୁକ୍ରବାର ୨ୟ ସେମିଫାଇନାଲ ମ୍ୟାଚ୍ ଦେଉଳଟାଙ୍ଗୀ ଓ ଆୟୋଜକ ଟିମ୍ କୁରାଢମଲ୍ଲ ସହ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସହସମ୍ପାଦକ ପ୍ରସନ୍ନ ସାମନ୍ତରାୟ କହିଛନ୍ତି।

### ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ଫେରାଇ ଆଣିବାକୁ ପରାମର୍ଶ

#### ୨ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଘଟଣା

ଟାଙ୍ଗୀ,୧।୨(ରଘୁନାଥ ସାହୁ): ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ କମେଣ୍ଟକୁ ନେଇ ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ଗ୍ରାମରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଏନେଇ ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ ପରେ ମାମଲା ରୁଜୁ ହୋଇଛି। ଉକ୍ତ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ଗୁରୁବାର ଜଙ୍କିଆ ଥାନା ପରିସରରେ ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀ, ଅତିରିକ୍ତ ଏସ୍‌ପି କିଶୋର ଚନ୍ଦ୍ର ମୁଣ୍ଡ, ଏସ୍‌ଡିପିଓ ଦିଲୀପ କୁମାର ଦାସ, ଥାନା ଆଇଆଇସି ପ୍ରଜ୍ଞା ରୁତୁମ୍ବରା କରଙ୍କ ସମେତ ଜନପ୍ରତିନିଧି ଏବଂ ଉଭୟ ଗୋଷ୍ଠୀର ଭଦ୍ରଲୋକଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଫେରାଇ ଆଣିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ପ୍ରତ୍ୟେକ ମାସରେ ଆମ ପୋଲିସ କାର୍ଯ୍ୟକ୍ରମରେ ଉଭୟ ପକ୍ଷର ଜନସାଧାରଣ ଯୋଗଦେବା ପାଇଁ ଅନୁରୋଧ କରାଯାଇଛି। ପୂର୍ବରୁ ହୋଇଥିବା ଏତଲାକୁ ରେଜିଷ୍ଟ୍ରେସନ କରାଯାଇଛି। କୋର୍ଟରେ କେସ ଟ୍ରାଏଲ ଚାଲିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଉଭୟ ପକ୍ଷର ଭଦ୍ରଲୋକ ପ୍ରଶାସନର ନିଷ୍ପତ୍ତିକୁ ମାନି ଶାନ୍ତି ବାତାବରଣ ରକ୍ଷା କରିବା ପାଇଁ ମନ୍ତବ୍ୟ ରଖିଥିଲେ।

# ବ୍ଲକ୍ କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ

## ସରପଞ୍ଚ ଓ ସମିତିସଭ୍ୟଙ୍କୁ ଅଣଦେଖାକୁ ବିରୋଧ

ଗମ୍ଭାରୀମୁଣ୍ଡା,୧।୨(ଦିଲୀପ ସ୍ୱାଇଁ)



ବ୍ଲକ କାର୍ଯ୍ୟାଳୟ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଛନ୍ତି।

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକରେ ଗୁରୁବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବିଡିଓଙ୍କ ମନଇଚ୍ଛା ଛୁଟି ନେବା ଏବଂ ସରପଞ୍ଚ ଓ ସମିତିସଭ୍ୟଙ୍କୁ ଅଣଦେଖା, ଅବହେଳା ପ୍ରତିବାଦରେ ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ଗେଟରେ ତାଲା ପକାଯିବା ସହ ଧାରଣା ଦିଆଯାଇଥିଲା। ଏପରିକି ବିଡିଓ ଜିଲା ପ୍ରଶାସନର ଛତ୍ରଛାୟା ତଳେ କାମ କରୁଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି। ଫଳରେ ବ୍ଲକକୁ ବିଭିନ୍ନ କାର୍ଯ୍ୟ ପାଇଁ ଆସିଥିବା ଲୋକେ ହଇରାଣ ହୋଇଥିଲେ। ଉକ୍ତ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ବ୍ଲକ କାର୍ଯ୍ୟାଳୟ ବନ୍ଦ ରହିବ ବୋଲି ଅଧ୍ୟକ୍ଷ ରଣସିଂହ ଓ ଜନପ୍ରତିନିଧିମାନେ କହିଛନ୍ତି। ଖବରପାଇ ତହସିଲଦାର ପି.ପଦ୍ମନାଭ ଦୋରା ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଆଲୋଚନା ବିଫଳ ହୋଇଥିବା ଜଣାପଡ଼ିଛି। ବ୍ଲକ କାର୍ଯ୍ୟାଳୟ ପରିସରରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବା ନେଇ ବାଣପୁର ପୋଲିସ ମୁତୟନ ରହିଥିଲେ। ତେବେ ଏ ନେଇ ବିଡିଓଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନାହିଁ।

# ଉଦ୍ୟୋଗୀ ମେଳା 'ସାଧବ ପ୍ରଜ୍ଞା' ଉଦ୍‌ଯାପିତ

ଖୋର୍ଦ୍ଧା,୧।୨ (ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ଆନୁକୂଲ୍ୟରେ ଦୁଇଦିନ ଧରି ଚାଲିଥିବା ଏକ ଉଦ୍ୟୋଗୀ ମେଳା 'ସାଧବା ପ୍ରଜ୍ଞା-୨୦୨୪' ଉଦ୍‌ଯାପିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ.ସୁଶିଲ କୁମାର ପଟ୍ଟନାୟକ ଏହି ମେଳାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅଧ୍ୟକ୍ଷା ଡ. ଅଜନ୍ତା ଶତପଥୀ ସ୍ୱାଗତ ଭାଷଣରେ ଏଭଳି ମେଳା ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶରେ ସହାୟକ ହେବ ବୋଲି କହିଥିଲେ। ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ସୁବାସ କୁମାର, ସ୍ଥାନୀୟ ଏସ୍‌ବିଆଇ ଆଞ୍ଚଳିକ ପ୍ରବନ୍ଧକ ନରେନ୍ଦ୍ର କୁମାର ଜେନା, ନର୍ଥ-ଇର୍ଷ୍ଟଣ୍ଡ ହିଲ ବିଶ୍ୱବିଦ୍ୟାଳୟ ସିଲଂ ପ୍ରଫେସର କୈଳାଶ ଚନ୍ଦ୍ର ବିଶ୍ୱାଳ, କଲେଜ ଉପାଧ୍ୟକ୍ଷା ଡ.ବିନୋଦିନୀ ମିଶ୍ର ଏବଂ ଆଇକ୍ୟୁଏସି ସଂଯୋଜକ ଡ.ବିନ୍ଦୁଶ୍ରୀ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଉଦ୍‌ଯାପନୀ ଦିବସରେ ସୂର୍ଯ୍ୟ ନାରାୟଣ ତ୍ରିପାଠୀ ମୁଖ୍ୟ ଅତିଥି, ରେଭେନ୍ସା ବିଶ୍ୱବିଦ୍ୟାଳୟ ପ୍ରଫେସର କିଶୋର ଦାସ, ଓଡ଼ିଶା ଉଚ୍ଚଶିକ୍ଷା ପରିଷଦର ଏନଏସଏସ ସଂଯୋଜକ ଡ.ବିଶ୍ୱମୋହନ ଜେନା, ସ୍ଥାନୀୟ ଆଇସିଆଇସିଆଇ ବ୍ୟାଙ୍କ ପ୍ରବନ୍ଧକ ରାଜେଶ ସ୍ୱାଇଁ, ପ୍ରଫେସର ଉମେଶ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ଉଦ୍ୟୋଗୀ ମେଳା ସାଧବ ପ୍ରଜ୍ଞାର ପ୍ରଯୋଜକଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଭୁବନେଶ୍ୱର ପରଫେକ୍ଟ କମ୍ପ୍ୟୁଟରକୁ ଚଳିତବର୍ଷ ସାଧବ ଶ୍ରେଷ୍ଠ ଭାବେ ଘୋଷଣା କରାଯାଇଛି। ଅଧ୍ୟାପକ ସୂର୍ଯ୍ୟସ୍ମିତ ମହାପାତ୍ର, ଶ୍ରୀକାନ୍ତ ପରିମାଣିକ ମେଳା ପରିଚାଳନା କରିଥିଲେ। ଅଧ୍ୟାପିକା ନିରୁପମା ସାହୁ, ଅଧ୍ୟାପକ ସଂଗ୍ରାମ ପାଢୀ ପରିଚାଳନା କରିଥିବା ବେଳେ ଚିରଞ୍ଜିବୀ ବିଶୋୟୀ ଧନ୍ୟବାଦ ଦେଇଥିଲେ। ବିଭାଗୀୟ ଅଧ୍ୟାପକ,ଅଧ୍ୟାପିକା, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ମିଶନ ଶକ୍ତି ଓଡ଼ିଆ ଭାଷା ସମ୍ମିଳନୀ


ମିଶନ ଶକ୍ତି ଓଡ଼ିଆ ଭାଷା ସମ୍ମିଳନୀରେ ଉପସ୍ଥିତ ଅତିଥିଙ୍କ ଗହଣରେ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ।

ଖୋର୍ଦ୍ଧା,୧।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାର ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନଙ୍କୁ ନେଇ ମିଶନ ଶକ୍ତି ଓଡ଼ିଆ ଭାଷା ସମ୍ମିଳନୀ ସ୍ଥାନୀୟ ସଂସ୍କୃତିଭବନ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ବାଦଲ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ନିରୁପମା ପାଣି, ଅଧ୍ୟାପକ ଡ.ଅରବିନ୍ଦ ପ୍ରଧାନ, ଜିଲା ପ୍ରକଳ୍ପ ପରିଚାଳକ ବିବେକ ରଞ୍ଜନ ବେଉରିଆ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ୩୪ଜଣ ମହିଳା ସ୍ୱରଚିତ କବିତା ପାଠ କରିଥିଲେ। କବିତା ପାଠୋତ୍ସବକୁ କବି ସନ୍ତୋଷ ଦାଶ, କବୟିତ୍ରୀ ଗଙ୍ଗୋତ୍ରୀ ପ୍ରିୟଦର୍ଶିନୀ ସଂଯୋଜନା କରିଥିଲେ। ସତ୍ୟଭାମା ପ୍ରଧାନ ପ୍ରଥମ, ସୁପ୍ରିୟା ସାହୁ ଦ୍ୱିତୀୟ ଏବଂ ଅନୁସୂୟା ବାରିକ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

# ବିଜେଡିରେ ମିଶିଲେ ୫୦ରୁ ଊର୍ଦ୍ଧ୍ୱ ପରିବାର

କୃଷ୍ଣପ୍ରସାଦ,୧।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚୌବର ପୀଠରେ ଗୁରୁବାର ବିଜୁ ଜନତା ଦଳ(ବିଜେଡି)ର ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମାଙ୍କ ନେତୃତ୍ୱରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ, ନୀତି ଆଦର୍ଶ ଓ ଜନକଲ୍ୟାଣକାରୀ ଯୋଜନାରେ ଅନୁପ୍ରାଣିତ ହୋଇ ସାତପଡ଼ା ପଞ୍ଚାୟତ ନୂଆଗାଁ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ପରିବାର ଭାରତୀୟ ଜନତା ପାର୍ଟି ଛାଡ଼ି ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ବରିଷ୍ଠ ନେତା ପ୍ରଫୁଲ୍ଲ ଜେନା, ସାତପଡ଼ା ପଞ୍ଚାୟତ ସଭାପତି ବାବୁଲି ଜେନା, ରାଜ୍ୟ ବିଜେଡିର ଉପସଭାପତି ଜୟନ୍ତ କୁମାର ମାହାନ୍ତି, ଯୁବ ନେତା ଜ୍ଞାନ ଚନ୍ଦ୍ର ପ୍ରଧାନ ପ୍ରମୁଖ ନୂତନଭାବେ ଯୋଗଦେଇଥିବା ପରିବାରଙ୍କୁ ସ୍ୱାଗତ କରିଥିଲେ। ଦାସବର୍ମା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ନିଜର ପତିଆରା ବଢ଼ାଇବାରେ ଲାଗିଛନ୍ତି।

# 'ବହୁମୁଖୀ ଉଚ୍ଚଶିକ୍ଷା ଅଧ୍ୟୟନରେ ଅନୁସନ୍ଧାନ ପଦ୍ଧତି' ଆଲୋଚନାଚକ୍ର



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

କୃଷ୍ଣପ୍ରସାଦ,୧।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାତପଡାରେ ଥିବା ପଞ୍ଚାୟତ ସ୍ନାତକ ଶିକ୍ଷା ବୈଷୟିକ ମହାବିଦ୍ୟାଳୟରେ 'ବହୁମୁଖୀ ଉଚ୍ଚ ଶିକ୍ଷା ଅଧ୍ୟୟନରେ ଅନୁସନ୍ଧାନ ପଦ୍ଧତି' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ପ୍ରକାଶ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ପ୍ରସନ୍ନ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ଡ.ଶଙ୍କର୍ଷଣ ଦାସ, ଭୋପାଳ ବରଖାତୁଲା ବିଶ୍ୱବିଦ୍ୟାଳୟର ପ୍ରଫେସର ହେମନ୍ତ ଖଣ୍ଡାଇ, ଉତ୍ତର ପୂର୍ବ ହିଲ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଶିବ ଚରଣ ସୁବୁଦ୍ଧି, ନୂଆଦିଲ୍ଲୀରୁ ଡ.ବିଲାବର୍ମା, ଅନୁଷ୍ଠାନର ଫାଉଣ୍ଡର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ କେଳୁଚରଣ ଜେନା, ବରିଷ୍ଠ ଅଧ୍ୟାପିକା ମିନାକ୍ଷୀ ମିଶ୍ର, ଡ.ଦୀପ୍ତି ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ବହୁମୁଖୀ ଉଚ୍ଚଶିକ୍ଷା ଅଧ୍ୟୟନରେ ଅନୁସନ୍ଧାନ ପଦ୍ଧତିର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ଅନୁସନ୍ଧାନ ପଦ୍ଧତିରେ ଭିନ୍ନତା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ପ୍ରସନ୍ନ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ଡିଏଚ୍‌ଏଚ୍‌ରେ ଖୋଲିଲା ଡାଏଲିସିସ୍ କେନ୍ଦ୍ର

ଖୋର୍ଦ୍ଧା,୧।୨(ପ୍ରଭାତ ପାଣିଗ୍ରାହୀ)


ଡାଏଲିସିସ୍ କେନ୍ଦ୍ର ଉଦ୍‌ଘାଟନୀ ଅବସରରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅତିଥି।

ଏଣିକି କିଡ୍‌ନୀ ରୋଗୀଙ୍କୁ ଆଉ ଭୁବନେଶ୍ୱର ଯିବାକୁ ପଡିବ ନାହିଁ। ଗୁରୁବାର ଅପରାହ୍ନ ସାଢେ ୪ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ୫ ଶଯ୍ୟା ବିଶିଷ୍ଟ ଫ୍ରି ଡାଏଲିସିସ୍ କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି। ଏହି କେନ୍ଦ୍ରରେ ଦୈନିକ ୧୫ଜଣ ରୋଗୀ ଚିକିତ୍ସିତ ହୋଇପାରିବେ। ଏହି ଉଦ୍‌ଘାଟନ ବେଳେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜିଲାପାଳ ଚଞ୍ଚଳ ରାଣା, ସିଡିଏମଓ ଡା.ଆର୍ତ୍ତବନ୍ଧୁ ନାୟକ, ଏଡିଏମଓ(ପରିବାର କଲ୍ୟାଣ) ଡା. ରଘୁନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଜିଲାପାଳ ସେଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଡାଏଲିସିସ୍ ବିଭାଗ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ସିଡିଏମଓ ନାୟକଙ୍କ ସହ କେନ୍ଦ୍ର ସୁପରିଚାଳନା, ରୋଗୀଙ୍କ ଚିକିତ୍ସା ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ମେଡିକାଲ ମ୍ୟାନେଜର ବିନାୟକ ପାଣିଗ୍ରାହୀ ଏବଂ ଡାଏଲିସିସ୍ କେନ୍ଦ୍ରରେ ନିଯୁକ୍ତ ପାଇଥିବା କର୍ମଚାରୀ ଉପସ୍ଥିତ ଥିଲେ। ପରେ ବିଭିନ୍ନ ୱାର୍ଡ ବୁଲି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ କହିଥିଲେ।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ନିରାକାରପୁର,୧।୨(ମାନସ ଚନ୍ଦ୍ର ପଟ୍ଟନାୟକ)

କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ବ୍ରତତି ମିଶ୍ରଙ୍କ ସଭାପତିତ୍ୱରେ ଅଧ୍ୟାପିକା କାଦମ୍ବିନୀ ସାହୁ, ଅଧ୍ୟାପକ ପ୍ରସନ୍ନ ନାୟକ, ଡ.ପ୍ରଭାତ ଦାଶ, ଅଧ୍ୟାପକ ସୌରଭ ମହାପାତ୍ର ପ୍ରମୁଖ ଏହି କୌଶଳ ପ୍ରଶିକ୍ଷଣ ଶିବିରରେ ସାମିଲ ହୋଇଥିବା ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ଚନ୍ଦନ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜିକା ସୋନାଲି ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ.ସସ୍ମିତା ରାଉତରାୟ ଧନ୍ୟବାଦ ଦେଇଥିବା ବେଳେ ଭବାନୀ ଛୋଟରାୟ ଓ ସ୍ୱାଗତିକା ପାତ୍ରଙ୍କୁ ସୁପରିଚାଳନା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ କୈବଲ୍ୟ ପତି ଓ ଅଧ୍ୟାପକ ଅଶୋକ କୁମାର ପାତ୍ର ସଂଯୋଜନା କରିଥିଲେ।

# ଦେଶ ସେବା ପାଇଁ ବିଦ୍ୟାର୍ଥୀଙ୍କୁ ପରାମର୍ଶ

ଟାଙ୍ଗୀ,୧।୨(ରଘୁନାଥ ସାହୁ)

କମାଗୁରୁ ଷ୍ଟେଟ ବ୍ରିଗେଡ ବିଦ୍ୟାଳୟର ୨୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଖାଉଟି ଅଦାଲତର ଅବସରପ୍ରାପ୍ତ ବିଚାରପତି ନାରାୟଣ ମହାପାତ୍ର, ମୁଖ୍ୟବକ୍ତା ଜଗନ୍ନାଥ ସଂସ୍କୃତି ଗବେଷକ ଡ.ଚନ୍ଦ୍ର ଶେଖର ଦାଶ, ସମ୍ମାନିତ ଅତିଥି କମାଗୁରୁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମଧୁସୂଦନ ସୁନ୍ଦରାୟ, ତ୍ରିନାଥ ପ୍ରଧାନ, ପ୍ରଶାନ୍ତ ସାମନ୍ତସିଂହାର, ପ୍ରଭାକର ସାହୁ, ପ୍ରମୋଦ କୁମାର ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇ ସୁସ୍ଥ ସମାଜ ଗଠନ ଓ ଦେଶ ମାତୃକାର ସେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ବିଳାସିନୀ ମଙ୍ଗରାଜ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଜୟ ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ବହୁ ଅଭିଭାବକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ଟାଙ୍ଗୀ,୧।୨(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଡିଆ ଓ କୁଞ୍ଜୁରୀ ପଞ୍ଚାୟତରେ ବିଜୁ ଜନତା ଦଳ (ବିଜେଡି)ର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭୁବନେଶର ସଂସଦୀୟ କ୍ଷେତ୍ର ପର୍ଯ୍ୟବେକ୍ଷକ ତଥା କୋଠାବାଡ଼ି ନିର୍ମାଣ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ପଦଯାତ୍ରାରେ ସାମିଲ ହୋଇ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ଏଥିସହ ଆଗାମୀ ନିର୍ବାଚନରେ ପୁଣି ଥରେ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ଖୋର୍ଦ୍ଧା ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀ ଗୁମାନସିଂ, କୁଞ୍ଜୁରୀ ସରପଞ୍ଚ ସୁଶାନ୍ତ କୁମାର ସାମନ୍ତରାୟ, ଡିଆ ସରପଞ୍ଚ ପ୍ରଶାନ୍ତ ବେହେରା, ପୂର୍ବତନ ଜିଲାପରିଷଦ ସଭ୍ୟ ସ୍ୱଦେଶ ରାଉତରାୟ, ପୂର୍ବତନ ସମିତିସଭ୍ୟ ନୀଳକଣ୍ଠ ବେହେରା, ପର୍ଯ୍ୟବେକ୍ଷକ କୈଳାସ ପାତ୍ର, ସହ-ପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ। ଉଭୟ ପଞ୍ଚାୟତରେ ବହୁ ଯୁବକ, ମହିଳା ଏହି ପଦଯାତ୍ରାରେ ଯୋଗଦେଇଥିଲେ।


କାର୍ଯ୍ୟକ୍ରମରେ କୋଠାବାଡ଼ି ନିର୍ମାଣ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଏବଂ ଅନ୍ୟମାନେ।

# ଯୁବପିଢ଼ିଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିଛି ନୂଆ-ଓ

ବେଗୁନିଆ,୧।୨(ହର ପ୍ରସନ୍ନ ପଣ୍ଡା)


ଅତିଥିମାନେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ସ୍ଥିତ ରମାମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଚାଲିଥିବା ନୂଆ-ଓ ଏବଂ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଗଙ୍ଗାଧର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପରିଚାଳନା ସମିତିର ସଭାପତି ପ୍ରଫୁଲ୍ଲ କୁମାର ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଐତିହାସିକ ସତ୍ୟବାଦୀ ବଳିୟାରସିଂହ ମୁଖ୍ୟବକ୍ତା ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ପୃଷ୍ଟି ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରାଧ୍ୟାପକ ପ୍ରଦୀପ କୁମାର ସାହୁ ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ଯୁବପିଢିଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିଛି ସରକାରଙ୍କ ପ୍ରାୟୋଜିତ ଏହି ନୂଆ-ଓ କାର୍ଯ୍ୟକ୍ରମ ବୋଲି ଅତିଥି ରଥ ମତବ୍ୟକ୍ତ କରିଥିଲେ। ଅତ୍ୟାଧୁନିକ ଯୁଗରେ ସଦାସର୍ବଦା ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼। ଓଡ଼ିଆ ଭାଷା, ସଂସ୍କୃତି, ପରମ୍ପରା ଓ ଇତିହାସକୁ ସାଇତି ରଖ ବୋଲି ବକ୍ତା ବଳିୟାରସିଂହ କହିଥିଲେ। ବିଗତ ଦିନରେ ଆୟୋଜିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଅଧ୍ୟାପକ ଇନ୍ଦୁ ଭୂଷଣ ହରିଚନ୍ଦନ ଧନ୍ୟବାଦ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ବିଜୟ ପଟ୍ଟନାୟକ, ଅଧ୍ୟାପକ ଦିଲ୍ଲୀପ କୁମାର ସାଥୁଆ, ଶ୍ରୀନିବାସ ସାହୁ, ଶ୍ୟାମା ପ୍ରସାଦ ଶତପଥୀଙ୍କ ସମେତ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

